### ସାଗର ପରିକ୍ରମାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ଯୋଜନାର ସଦୁପଯୋଗ କଲେ ମତ୍ସ୍ୟଜୀବୀଙ୍କ ଉନ୍ନତି ହୋଇପାରିବ

ଭଦ୍ରକ, ୯ ।୧(ସମିସ):



ଏକାଦଶ ସାଗର ପରିକ୍ରମା ଆୟୋଜନ ଅବସରରେ ଗୁଜୁରାଟରୁ ଶୁଭାରମ୍ଭ କରି ମହାରାଷ୍ଟ୍ର, ତାମିଲ୍‌ନାଡୁ, କେରଳ, ଆନ୍ଧ୍ର ପରେ ଓଡ଼ିଶା ପ୍ରବେଶ କରି ଭଦ୍ରକ ଜିଲ୍ଲାକୁ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ନେଇ ଚାନ୍ଦବାଲି ଓ ବାସୁଦେବପୁରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଧାମରାର ମାଛଧରା ଜେଟି ପାଖରେ ଅବସ୍ଥିତ ଗଙ୍ଗାମାତା ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ କେନ୍ଦ୍ର ମତ୍ସ୍ୟ ପଶୁ ଓ ଗୋପାଳନ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ଯୋଗ ଦେଇ ମତ୍ସ୍ୟଜୀବୀମାନଙ୍କ ଅଭିଯୋଗ ଶୁଣି ଥିଲେ । ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ସଦୁପଯୋଗ କରି ଆଗକୁ ବଢ଼ିବା ପାଇଁ ସେ ପରାମର୍ଶ ପ୍ରଦାନ କରିଥିଲେ । ସ୍ଥାନୀୟ ମତ୍ସ୍ୟଜୀବୀ ସଂଘର କର୍ମକର୍ତ୍ତା, ସ୍ଥାନୀୟ ଜନପ୍ରତିନିଧି, ହିତାଧିକାରୀମାନଙ୍କ ଠାରୁ ସେମାନଙ୍କର ଦାବି, ସମସ୍ୟା ଓ ଅଭିଯୋଗ ସମ୍ବନ୍ଧରେ ଶୁଣିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ମନ୍ତ୍ରୀଙ୍କ ସହଧର୍ମିଣୀ ସବିତା ବେନ୍ ରୁପାଲା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ଲେଙ୍କା, ଧାମରା ସରପଞ୍ଚ ସୁରେଶ ସେଠୀ, ସମିତି ସଦସ୍ୟ ପ୍ରିୟରଞ୍ଜନ ଜେନା, ସଂପୃକ୍ତ ବିଭାଗୀୟ କେନ୍ଦ୍ର ସଚିବ ଅଭିଳାଷ ଦୀକ୍ଷିତ, ଯୁଗ୍ମ ସଚିବ ନୀତୁ ପ୍ରସାଦ, ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗୀୟ ନିର୍ଦ୍ଦେଶକ ଏସ୍‌କେ ସିଦ୍ଦିକ୍ ଆଲାମ୍ ପ୍ରମୁଖ ଯୋଗ ଦେଇଥିଲେ । ୨୫ ହଜାରରୁ ଅଧିକ ମତ୍ସ୍ୟଜୀବୀ ବାସ କରୁଥିବା ଧମାରାରେ ବତୀ ଘର ନିର୍ମାଣ, ମାଛଧରା ବନ୍ଦ ରହୁଥିବା ଅବଧି ୭ ମାସରୁ ୫ ମାସକୁ ହ୍ରାସ, ମାଛଧରା ବନ୍ଦ ରହୁଥିବା ଅବଧିରେ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ, ମାଛଧରା ଅଞ୍ଚଳ ଚିହ୍ନଟ, ଚୂଡ଼ାମଣି, କଷିଆ ଆଦି ଜେଟିର ଉନ୍ନତି କରଣ, ଡିଜେଲ ସବ୍‌ସିଡି, ରେଗୁଲାର ପାଟ୍ରୋଲିଂ, ଡ୍ରେଜିଂ ସମସ୍ୟା ଆଦି ସମ୍ବନ୍ଧରେ ବିଧାୟକ, ସାଂସଦ ଦାବିପତ୍ର ପ୍ରଦାନ କରିଥିଲେ । ମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମରେ ହିତାଧିକାରୀମାନଙ୍କ ମଧ୍ୟରେ କିଷାନ୍ କ୍ରେଡିଟ୍ କାଡର୍ ବଣ୍ଟନ କରାଯିବା ସହିତ ବରଫକଳ ଆଧୁନିକ କରଣ, ବାୟୋଫ୍ଲୋକ୍‌ରେ ମତ୍ସ୍ୟଚାଷ, ନୂତନ ପୋଖରୀ ଖନନ, ମତ୍ସ୍ୟ ବ୍ୟବସାୟ କେନ୍ଦ୍ର ନିର୍ମାଣ ଆଦି ଯୋଜନାରେ ସଂପୃକ୍ତ ହିତାଧିକାରୀମାନଙ୍କୁ ସବ୍‌ସିଡି ଅର୍ଥ ବାବଦ ଚେକ୍ ମନ୍ତ୍ରୀଙ୍କ ପ୍ରଦାନ କରାଯାଇଥିଲା । ଧାମରାର ଚାନ୍ଦନିପାଳ ଅଞ୍ଚଳର ଗସ୍ତ କରି ମନ୍ତ୍ରୀ ସେଠାକାର ମତ୍ସ୍ୟଜୀବୀଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କର ଆବଶ୍ୟକତା ଓ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, ଚାନ୍ଦବାଲି ବିଡିଓ ଅସିତ କୁମାର ମହାନ୍ତି ପ୍ରମୁଖ ଧାମରାରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା କାର୍ଯ୍ୟ ତଦାରଖ କରିଥିଲେ । ପରେ ପରେ ବାସୁଦେବପୁର ବ୍ଲକ୍ ଚୁଡ଼ାମଣି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ଅଭିଯୋଗ ଓ ସମସ୍ୟା ସମ୍ବନ୍ଧରେ ଶୁଣିଥିଲେ । ସେଠାରେ ମଧ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ସବସିଡି ଅର୍ଥର ଚେକ୍ ବଣ୍ଟନ କରିଥିଲେ । ସାଂସଦ, ପୂର୍ବତନ ବିଧାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର ଏବଂ ଅନ୍ୟମାନେ ମନ୍ତ୍ରୀଙ୍କ ସହ ମଞ୍ଚାସୀନ ଥିଲେ । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମଧ୍ୟ ଏହି କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ । ମତ୍ସ୍ୟବିଭାଗର ମଣ୍ଡଳସ୍ତରୀୟ ଉପନିର୍ଦ୍ଦେଶକ ଦୀପ୍ତିରଞ୍ଜନ ମହାପାତ୍ର, କ୍ଷାରୀଜଳ ମତ୍ସ୍ୟ ଚାଷର ଉପମୁଖ୍ୟନିର୍ଦ୍ଦେଶକ ବସନ୍ତ ଦାସ, ଜିଲ୍ଲା ମତ୍ସ୍ୟଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ମେରାଇନ୍ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସିଏସ୍ ପଲାଇ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମୟୂରୀ ବେହେରା, ସହାୟକ ମତ୍ସ୍ୟଧିକାରୀ ଋତୁପୂର୍ଣ୍ଣା ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଧାମନଗର, ୯ ।୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ପଞ୍ଜିକୃତ ୭୨୨ ଜଣଙ୍କ ମଧ୍ୟରୁ ୬୮୫ ଜଣ ପରୀକ୍ଷା ଦେଇଛନ୍ତି । ଏହି ପ୍ରବେଶିକା ପରୀକ୍ଷା ପାଇଁ ଧାମନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟକୁ ମିଶାଇ ମୋଟ ୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା । ସେଥି ମଧ୍ୟରୁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟରେ କେବଳ ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିଲେ । ଧାମନଗର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୦୦ ପଞ୍ଜିକୃତ ପରୀକ୍ଷାର୍ଥୀ ମଧ୍ୟରୁ ୧୭୭ ଜଣ ପରୀକ୍ଷା ଦେଇଥିଲେ । ଧାମନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପଞ୍ଜିକୃତ ୩୦୦ ଜଣଙ୍କ ମଧ୍ୟରୁ ୨୯୨ ଉପସ୍ଥିତ ଥିବା ବେଳେ ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପଞ୍ଜିକୃତ ୬ଷ୍ଠ ଶ୍ରେଣୀ ପାଇଁ ୧୮୮ ଜଣରୁ ୧୮୩ପରୀକ୍ଷା ଦେଇଥିଲେ । ୭ମ ଶ୍ରେଣୀ ପାଇଁ ୨୫ରୁ ୨୫ ଓ ୮ମ ଶ୍ରେଣୀ ଜଣେ ପଞ୍ଜିକୃତ ପରୀକ୍ଷାର୍ଥୀ ଥାଇ ମଧ୍ୟ ସେ ଅନୁପସ୍ଥିତ ଥିଲେ । ୯ମ ଶ୍ରେଣୀ ପାଇଁ ପଞ୍ଜିକୃତ ୮ ଜଣ ପରୀକ୍ଷା ଦେଇଥିବା ଜଣାଯାଇଛି । ଅଧ୍ୟକ୍ଷ ଅକ୍ଷୟ କୁମାର ଘଡ଼େଇ, ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତ, ଚିତ୍ତରଞ୍ଜନ ସେନାପତି ପ୍ରମୁଖ ଯଥାକ୍ରମେ ଆଦର୍ଶ ବିଦ୍ୟାଳୟ, ସରକାରୀ ଉଚ୍ଚ ଓ ବାଳିକା ଉଚ୍ଚ ବିଦ୍ୟାଳୟର ସୁପରିଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ସମୀର ଗୋସ୍ୱାମୀ, ପ୍ରିୟଦର୍ଶୀ କୁଅଁର ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ ।

## ବାଳିକାଙ୍କୁ କ୍ୟାରିଅର କାଉନସେଲିଂ

ଭଣ୍ଡାରିପୋଖରୀ, ୯।୧(ସମିସ): ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'କଲେକ୍ଟର କି କ୍ଲାସ' ସମ୍ପର୍କିତ ବେଟି ବଚାଓ, ବେଟି ପଢାଓ ଯୋଜନାରେ ବାଳିକାମାନଙ୍କୁ କ୍ୟାରିଅର କାଉନସେଲିଂ ଓ ମାଗଣା ଶିକ୍ଷା ଶିର୍ଷକ କାର୍ଯ୍ୟକ୍ରମ ମଙ୍ଗଳବାର ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ ମୁଖ୍ୟଅତିଥି, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଜନଶିକ୍ଷଣ ସଂସ୍ଥା ନିର୍ଦ୍ଦେଶିକା ଆରତୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଳିକାମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା ଆଭିମୁଖ୍ୟ ସୃଷ୍ଟି କରିବା ଲକ୍ଷ୍ୟରେ ଅର୍ନ୍ତନିହିତ ପ୍ରତିଭାର ବିକାଶ ଦ୍ୱାରା ଏହା ସମ୍ଭବ ବୋଲି ମତପୋଷଣ କରିଥିଲେ । ଏଥି ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଯୋଜନା ସମ୍ପର୍କରେ ବାଳିକାମାନଙ୍କୁ ଅବଗତ କରାଯାଇଥିଲା । ଏଥିରେ ଛାତ୍ରଛାତ୍ରୀ ନିଜ ନିଜର ଭବିଷ୍ୟତ ଜୀବନ ସମ୍ପର୍କରେ ମତରଖିଥିଲେ । ଅଧ୍ୟାପକ ଆନନ୍ଦ ନାୟକ ଅତିଥି ପରିଚୟ ଓ ଅଧ୍ୟାପକ ଡା. ଅନନ୍ତକିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ । ଅଧ୍ୟାପିକା ଗୀତାଞ୍ଜଳୀ ଦାଶ, ମମିତାରାଣୀ ନାୟକ, ସୁଜାତା ଦାଶ, କୃପାସିନ୍ଧୁ ସେଠୀ, ହରିହର ସାହୁ, ଗଜେନ୍ଦ୍ର ସାହୁଙ୍କ ସମେତ ମିଲୁ ମହନ୍ତ, ସୁଧିର କୁମାର ଶେଣ୍ଠି, ଉମାକାନ୍ତ ଖଣ୍ଡାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୩୬ ତମ ଚୁନିଦା ପ୍ରିମିୟର ଲିଗ ଉଦ୍‌ଯାପିତ
## କପ ହାତେଇଲା ଦଳାଙ୍ଗ କ୍ରିକେଟ ଟିମ୍

ଅସୁରାଳି, ୯ ।୧(ସମିସ): ଚୁନିଦା ମା'କ୍ଷେତ୍ରବାସୀ ପଡ଼ିଆରେ ଗତ ୮ଦିନ ହେବ ଚାଲିଥିବା ୩୬ ତମ ଚୁନିଦା ପ୍ରିମିୟର ଲିଗ୍ ଉଦଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍ ଦଳାଙ୍ଗ ଓ ବଳଭଦ୍ରପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦଳାଙ୍ଗ କ୍ରିକେଟ ଟିମ୍ ବ୍ୟାଟିଂ କରି ସୀମିତ ୧୬ ଓଭରରେ ୬ ୱିକେଟ ହରେଇ ୨୫୬ ରନ ଖେଳିଥିଲେ । ଏହାର ପ୍ରତ୍ୟୁତ୍ତରରେ ବଳଭଦ୍ରପୁର କ୍ରିକେଟ୍ ଟିମ ୧୪ ଓଭରରେ ସମସ୍ତ ୱିକେଟ ହରେଇ ମାତ୍ର ୧୧୯ ରନ ସଂଗ୍ରହ କରିଥିଲା । ଦଳାଙ୍ଗ ୧୩୭ ରନରେ ବିଜୟ ଲାଭ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ ଦଳାଙ୍ଗର ହୃଷୀ । ସେ ୨୫ ବଲରେ ୫୮ ରନ ସହିତ ୪ ୱିକେଟ ହାସ କରିଥିଲେ । ମ୍ୟାନ ଅଫ ଦି ସିରିଜ ହେଇଥିଲେ କାଲାମ । ସେହିପରି ସର୍ବୋଚ୍ଚ ଛକା ସହିତ ବେଷ୍ଟ ବ୍ୟାଟ୍ସମ୍ୟାନ ହୋଇଥିଲେ ଉତ୍କଳକେଶରୀ ରାଉତ । ବେଷ୍ଟ କ୍ୟାଚ ଧରିଥିଲେ ବଳଭଦ୍ରପୁର ଟିମର ରାଜା । ଖେଳଟିକୁ ପରି.ଳନା କରିଥିଲେ କୃଷ୍ଣଚନ୍ଦ୍ର ସାହୁ, ଦେବକାନ୍ତ ଜେନା । ଉକ୍ତ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ସମ୍ମାନିତ ଅତିଥିଭାବେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଆଇଆଇସି ଅମିତାଭ ଦାସ, ସିଆର୍‌ସି ପ୍ରଶାନ୍ତ ବେହେରା, ସରପଞ୍ଚ ନିରଞ୍ଜନ ମଲ୍ଲିକ, ଯୁବନେତା ତାପସ ରାୟ, ନିତ୍ୟାନନ୍ଦ ବେହେରା, ସାମ୍ବାଦିକ ସନ୍ତୋଷ ଦାସ, ଉପେନ୍ଦ୍ର ବେହେରା, ମହେନ୍ଦ୍ର ମଲ୍ଲିକ, ମୁଖ୍ୟ ସଂଯୋଜକ କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଧାରା ବିବରଣୀ ଦେଇଥିଲେ ଶିକ୍ଷକ ପ୍ରଭାତ ଜେନା । ଆୟୋଜକ କ୍ଷେତ୍ରବାସୀ କ୍ଲବର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ଦ୍ୱାରା ଚୁନିଦା ପ୍ରୀମୀୟର ଲିଗ ସମ୍ପାଦିତ ହୋଇଥିଲା ।



## ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟଙ୍କ ଭଦ୍ରକ ଗସ୍ତ



ଭଦ୍ରକ, ୯ ।୧(ସମିସ): ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ଆଜି ଭଦ୍ରକ ଜିଲ୍ଲାର ଭଦ୍ରକ ଓ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର ଅଚାନକ ବୁଲି ଦେଖିଥିଲେ । ଭଦ୍ରକ ବ୍ଲକ୍‌ର ବ୍ରହ୍ମପୁର ପଞ୍ଚାୟତର ସୁଲଭ ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ଚାଉଳ ବଣ୍ଟନ ଚାଲିଥିବା ବେଳେ ପହଞ୍ଚି ହିତାଧିକାରୀମାନଙ୍କ ଠାରୁ ସିଧାସଳଖ ମତାମତ ନେଇଥିଲେ । ଖାଉଟିମାନେ ସନ୍ତୋଷ ପ୍ରକଟ କରିଥିବା ବେଳେ ବଣ୍ଟନ କେନ୍ଦ୍ର ସମ୍ମୁଖରେ ସମସ୍ତ ହିତାଧିକାରୀଙ୍କ ତାଲିକା ଟଙ୍ଗାଇବା ପାଇଁ ପରାମର୍ଶ ଦେଇଥିଲେ । ଯେଉଁ ହିତାଧିକାରୀଙ୍କ ମୃତ୍ୟୁ ଘଟିଛି ସେମାନଙ୍କ ନାମ ତାଲିକାରୁ କାଟି ନୂଆ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଭଦ୍ରକ ବ୍ଲକର ସାବରଙ୍ଗ ବଡ଼ ଗୋପାଳ ସାହି ଓ ସାନଗୋପାଳସାହି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସମୟରେ ଅଙ୍ଗନବାଡ଼ି କେନ୍ଦ୍ର ବିଳମ୍ବରେ ଖୋଲାଯିବା ନେଇ ଶ୍ରୀ ଦାଶ ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଅଙ୍ଗନବାଡ଼ି କର୍ମୀଙ୍କୁ ନିଜର ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ଭଦ୍ରକ ବ୍ଲକ୍‌ର ବ୍ରହ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ମାନ ପରୀକ୍ଷା କରିବା ସହ ପାନୀୟ ଜଳ ଓ ପରିବେଶ ପ୍ରତି ସଜାଗ ରହିବାକୁ ପ୍ରଧାନଶିକ୍ଷୟିତ୍ରିଙ୍କୁ ପରାମର୍ଶ ଦେଇଥିଲେ । ସେହିଭଳି ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ବାସୁଦେବପୁର ବ୍ଲକର ପଦ୍ମପୁର ମହାରଣା ସାହି ଅଙ୍ଗନବାଡ଼ି କେନ୍ଦ୍ର, ଭରୁଣିଆ, ଅଲବଗା-୧ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ଗତକାଲି ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ବୁଲି ଖାଦ୍ୟର ମାନ ଯାଞ୍ଚ କରିଥିଲେ ।

## ପଲାସା ଗଲେ ୪ ଟେନିକଏଟ୍ ଖେଳାଳି



ଭଦ୍ରକ, ୯।୪(ସମିସ): ଆନ୍ଧ୍ର ପ୍ରଦେଶର ପଲାସା ଠାରେ ଜାତୀୟ ସ୍ତରୀୟ ବରିଷ୍ଠ ଟେନିକଏଟ ପ୍ରତିଯୋଗିତା ୯ ରୁ ଆରମ୍ଭ ହୋଇ ୧୨ ଜାନୁଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏଥିପାଇଁ ଓଡ଼ିଶା ତାର ୧୨ ଜଣ (ପୁରୁଷ ଓ ମହିଳା) ଖେଳାଳିଙ୍କ ନାମ ଘୋଷଣା କରିଛି । ଏହି ଦଳରେ ଭଦ୍ରକ ଜିଲ୍ଲାର ୩ ଜଣ ପୁରୁଷ ଓ ଜଣେ ମହିଳା ସେମାନେ ହେଲେ ରାଜେଶ ନାୟକ, ନାରାୟଣ ବେହେରା, ନିର୍ମଳ ସେନ୍ ଓ ମହିଳା ଦଳରେ ଅଭିଲିପ୍ସା ପୃଷ୍ଟି ସ୍ଥାନ ପାଇଛନ୍ତି । ତାଙ୍କର ଏହି ସଫଳତା ପାଇଥିବା ହେତୁ ଭଦ୍ରକ ଜିଲ୍ଲା ଟେନିକଏଟ୍ ସଂଘର ସଭାପତି ଗୋଲକ ନାୟକ, ସଂପାଦକ ମନୋଜ କୁମାର ସାହୁ ଏବଂ ଅନ୍ୟ ସଦସ୍ୟମାନେ ଶୁଭେଚ୍ଛା ଜଣାଇବା ସହିତ ଶୁଭ କାମନା କରିଛନ୍ତି ।

## ପାଳସାହିରେ ଧାନମଣ୍ଡି ଉଦଘାଟିତ

ଧୂଷୁରୀ, ୯ ।୧(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ସେବା ସମବାୟ ସମିତିରେ ସରକାରୀ ଧାନମଣ୍ଡିର ଆଜି ଧାନ ସଂଗ୍ରହ ଆରମ୍ଭ ହୋଇଛି । ଏହି ସମିତି ଅଧୀନ ପାଳସାହି ଓ ରଇପୁର ପଞ୍ଚାୟତ ଅଫିସ ନିକଟରେ ୨ଟି କେନ୍ଦ୍ରରେ ଧାନ କ୍ରୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ପାଳସାହି ସେବା ସମବାୟ ସମିତି ସଭାପତି ଭାଗବତ ଖଟୁଆ ମଣ୍ଡି ଉଦଘାଟନ କରିଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସଂପାଦକ ରଞ୍ଜନ ମାଝୀ .ଷୀଙ୍କୁ ଧାନ କିଣା ବାବଦରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ଉପ-ସଭାନେତ୍ରୀ ସ୍ୱର୍ଣ୍ଣଲତା ବେହେରା, ସଦସ୍ୟ ସୁଶାନ୍ତ ନାୟକ, ପ୍ରଶାନ୍ତ ତ୍ରିପାଠୀ, ଜିତେନ୍ଦ୍ର ଦାସ, ସୁଧିର ମଲ୍ଲିକ, କୃଷ୍ଣଚନ୍ଦ୍ର ପ୍ରଧାନ, ଆଲୋକ ରାଉତ, ପାଳସାହି ବିଜେଡି ସଭାପତି ଅନିଲ ଦାସ, ବ୍ରଜେନ୍ଦ୍ର ମହାନ୍ତି, ଭବରଞ୍ଜନ ମହାନ୍ତି, ସୁକାନ୍ତ ମଲିକ, ବଳରାମ ସେଠୀ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ସମିତିର ରାମଚନ୍ଦ୍ର ମିଶ୍ର, ଜନ୍ମଜୟ ବଳ, ଦିବାକର ମଲିକଙ୍କ ସମେତ ସମସ୍ତ କର୍ମ.ରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ସମିତିରେ ୭ଶହ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକୃତ କରିଥିବା ଜଣାଯାଇଛି ।

## ଭଦ୍ରକ ସାଂସ୍କୃତିକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା / 'ମହୋତ୍ସବ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ବାଣ୍ଟିଥାଏ'

ଭଦ୍ରକ, ୯ ।୧(ସମିସ): ଭଦ୍ରକ ସାଂସ୍କୃତିକ ମହୋତ୍ସବ ଭଦ୍ରକର ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିଛି । ଏହି ମହୋତ୍ସବ ଦ୍ୱାରା ଭଦ୍ରକର ଜନ ସାଧାରଣ ଅବସର ବିନୋଦ ସମୟ କଟାଇବା ସହିତ ଜନସାଧାରଣଙ୍କୁ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଦେଇଥାଏ ବୋଲି ସାଂସ୍କୃତିକ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ଐତିହାସିକ ଗାନ୍ଧିପଡ଼ିଆ ଠାରେ ୮ମ ଭଦ୍ରକ ସାଂସ୍କୃତିକ ମହୋତ୍ସବରେ କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭଦ୍ରକ ସିଟି ଡସ୍‌ପି ଅଂଶୁମାନ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ ବାଦଲ କିଶୋର ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ । କମିଟିର ଉପଦେଷ୍ଟା ଜାନକୀ ପାଢ଼ୀ ବେଦପାଠ ଓ ଉପସଭାପତି ମନୋରମା ରାୟ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ସ୍ୱାଗତ ଭାଷଣ, ସଦସ୍ୟା ତେଜସ୍ୱିନୀ ଦାସ, ସସ୍ମିତା ବଳ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଓ ବ୍ୟାଚ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଡ.ହରିହର ନାୟକ, କମିଟିର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି, ଉମାକଲ୍ୟାଣ ମହାପାତ୍ର, ସୀତାକାନ୍ତ ପାଢ଼ୀ, ଆବାହକ ଅବିନାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି .ରୁଦତ୍ତ ନାୟକ, ଜଗବନ୍ଧୁ ବେହେରା, ପ୍ରଭାତ ଦାସ, ରାଜେଶ ଦାସ, ଶୁଭଦୀପ ମଲ୍ଲିକ, ପ୍ରମୁଖ କାର୍ଯ୍ୟକ୍ରମ ପରି.ଳନାରେ ସହଯୋଗ କରିଥିଲେ । ଏହି ଅବସରରେ ମୟୁର ଡ୍ୟାନ୍ସ ଗ୍ରୁପର ପିଲାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ ।



## ଭଦ୍ରକ ରେଳଷ୍ଟେସନରେ ଶୌଚାଳୟ ପ୍ରତିଷ୍ଠା ପାଇଁ ଦାବି

ଭଦ୍ରକ, ୯ ।୧(ସମିସ): ଭଦ୍ରକ ରେଳଷ୍ଟେସନ ପରିସରରେ କୌଣସି ଶୌଚାଳୟର ବ୍ୟବସ୍ଥା ନଥିବାରୁ ଯାତ୍ରୀମାନେ ନାନାଦି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଶୌଚାଳୟ ପ୍ରତିଷ୍ଠା ପାଇଁ ଆଜି ପୂର୍ବାହ୍ନରେ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ କେତେକ ବୁଦ୍ଧିଜୀବୀ ରେଳ ଷ୍ଟେସନ ମ୍ୟାନେଜରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, ୧୮୮୬ ମସିହାରୁ ଆରମ୍ଭ ହୋଇଥିବା ଭଦ୍ରକ ରେଳ ଷ୍ଟେସନ ଉପରେ ପାଖାପାଖି ୪ଟି ଜିଲ୍ଲାର ଅଧିବାସୀମାନେ ନିର୍ଭର କରିଥାନ୍ତି । ଭଦ୍ରକ ଜିଲ୍ଲା ସମେତ କେନ୍ଦୁଝର, କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲାର ହଜାର ହଜାର ଯାତ୍ରୀ ଏହି ଷ୍ଟେସନ ଦେଇ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥାନ୍ତି । ତେବେ ଏହି ଷ୍ଟେସନ ନିକଟରେ କୌଣସି ଶୌଚାଳୟ ବ୍ୟବସ୍ଥା ନଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି । ବିଶେଷ କରି ଟ୍ରେନକୁ ଅପେକ୍ଷାରତ ମହିଳା, ବୟସ୍କ ନାଗରିକ ଓ ଛୋଟଛୋଟ ପିଲାମାନେ ଶୌଚାଳୟନ ବିନା ବିଭିନ୍ନ ସ୍ଥାନରେ ଶୌଚ କରୁଥିବାରୁ ପରିବେଶ ଦୂଷିତ ହେଉଥିବା ସର୍ବୋଦୟ ମଣ୍ଡଳ ପକ୍ଷରୁ ଦର୍ଶାଯାଇଛି । ଷ୍ଟେସନ ମ୍ୟାନେଜରଙ୍କ ବ୍ୟତୀତ ଏହି ଦାବିପତ୍ରର ନକଲ ରେଳମନ୍ତ୍ରୀ, ରେଳବିଭାଗ ମହାପ୍ରବନ୍ଧକ, ଭୁବନେଶ୍ୱର ଓ ଡିଆରଏମ୍, ଖୋର୍ଦ୍ଧାଙ୍କୁ ମଣ୍ଡଳ ପକ୍ଷରୁ ପ୍ରଦନା କରଯାଇଥିବା ଜଣାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ସମାଜସେବୀ ଶାନ୍ତନୁ ରାଉତ, ସୁରେନ୍ଦ୍ରନାଥ ପଣ୍ଡା, ଜନତା ସେବାକେନ୍ଦ୍ର କର୍ମକର୍ତ୍ତା ବିଶ୍ୱନାଥ ଅଗ୍ରୱାଲ, ଅଧିବକ୍ତା ଇନ୍ଦ୍ରମଣି ପଣ୍ଡା, ହରିହର ରାଉତ, ଅଧିବକ୍ତା ଆଦିତ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଳେଇ
ଅମଲାଭଟା, କେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ

# କଟ୍‌ନୀ ଛଟ୍‌ନୀ ଯୋଗୁ ଧାନ କିଣା ବନ୍ଦ

ମଞ୍ଜୁରୀରୋଡ, ୯ ।୧(ସମିସ):




ଧାନ କ୍ରୟ ପାଇଁ ଜିଲ୍ଲା ପ୍ରଶାସନ ସହିତ ଚୁକ୍ତିବଦ୍ଧ କରି ସୁଦ୍ଧା ଅଧିକ ଲାଭ ଆଶାରେ ଶସ୍ୟ କ୍ରୟ ପାଇଁ ଦିନ ଗଡାଇ ଚାଲିଛନ୍ତି ମିଲର । ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷର ଦେଖାଦେଇଛି । ଭଣ୍ଡାରିପୋଖରୀ ବ୍ଲକର ୮ଟି ସମିତି ଓ ୮ଟି ଏସଏଚଜି ଜରିଆରେ ଧାନ କିଣିବା ପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି । ପ୍ରଶାସନିକ ସ୍ତରରେ ୮/୧୦ ଦିନ ହେବ ମଣ୍ଡି ଖୋଲିଥିଲେ ସୁଦ୍ଧା ମିଲର କିନ୍ତୁ କ୍ଷେତ୍ରରେ ପହଞ୍ଚି ଧାନ କିଣୁ ନାହାଁନ୍ତି । ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଲେଣି । ମାଳଦା ସମବାୟ ସମିତି ଠାରେ ଆଜି ଚାଷୀମାନେ ରୁଣ୍ଡିଭୂତ ହୋଇ ମିଲରଙ୍କ ବିରୁଦ୍ଧରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଗତ ୧ତାରିଖରୁ ମଣ୍ଡିରେ ଆଣି ଚାଷୀ ଧାନ ଦେଇଥିଲେ ସୁଦ୍ଧା ମିଲର କର୍ତ୍ତୃପକ୍ଷଙ୍କର ଏଯାଏଁ ଦେଖାନାହିଁ । କ୍ୱିଣ୍ଟାଲ ପିଛା ୬କେଜି କାଟିବା ଜିଦରେ ବିଭିନ୍ନ ମଣ୍ଡିରୁ ମିଲ ଗୁଡିକ ଧାନ କ୍ରୟ କରୁନଥିବା ଜଣାପଡିଛି । ତେଣୁ ଏହା ବିରୁଦ୍ଧରେ ମାଳଦା ଅଞ୍ଚଳର ସମସ୍ତ ଚାଷୀ ଆଜି ସମିତି ନିକଟ ପୂର୍ତ୍ତ ବିଭାଗ ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ । ଖବର ପାଇ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା, ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ବ୍ଲକ ଯୋଗାଣ ନିରୀକ୍ଷିକା ସନ୍ଦିପା ଦାସ, ମାନ ନିରୀକ୍ଷିକା ପ୍ରଜ୍ଞା ପରମିତା ବିଶ୍ୱାଳ ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ । ମିଲର କ୍ୱିଣ୍ଟାଲ ପିଛା ୬କେଜି ଧାନ କାଟିବାକୁ ସିଧାସଳଖ କହୁଥିବା ବେଳେ ଚାଷୀମାନେ ଏହାକୁ ତୀବ୍ର ବିରୋଧ କରିଥିଲେ । ଫଳରେ ଘଟଣାସ୍ଥଳକୁ ଆସିଥିବା ଯୋଗାଣ ଅଧିକାରୀ ଓ ମିଲ କର୍ତ୍ତୃପକ୍ଷଙ୍କ ସହିତ ଚାଷୀ ମାନଙ୍କ ଆଲୋଚନା ବିଫଳ ହୋଇଥିଲା । ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଖବର ପାଇ ଚାଷୀଙ୍କ ସହିତ ଯଥାଶୀଘ୍ର ଆଲୋଚନା ପାଇଁ ପ୍ରତିନିଧି ଭାବେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁଙ୍କୁ କ୍ଷେତ୍ରକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ସାହୁଙ୍କ ସମେତ ୨୪ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଉତ୍କଳକେଶରୀ ମହାନ୍ତି, ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ, ଯୁବନେତା ବିରେନ୍ଦ୍ର ନାୟକ ପ୍ରମୁଖ ସମିତି ଠାରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ୨ଦିନରେ ସମସ୍ୟାର ସମାଧାନ ହେବ ବୋଲି ବିଧାୟକ ଶ୍ରୀ ସାମଲ ଫୋନ ଯୋଗେ ସମିତି ସଭାପତି ଓ ଧାରଣାରତ ଚାଷୀଙ୍କୁ ଜଣାଇଥିବା ବେଳେ ପ୍ରତିନିଧିଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ ରହିଥିବା ଜଣାପଡିଛି ।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

## ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରୁ ଟଙ୍କା ଲୁଟ୍ ଘଟଣା } ଜଣେ ଗିରଫ; ୪ ଲକ୍ଷ ଟଙ୍କା ଜବତ

**ବାଲିଚନ୍ଦ୍ରପୁର, ୯।୧(ସମିସ)**



ବାଲିଚନ୍ଦ୍ରପୁର ସ୍ଥିତ ଷ୍ଟେଟବ୍ୟାଙ୍କ ସମ୍ମୁଖରୁ ଗତ ୪ତାରିଖ ଅପରାହ୍ନ ୩ଘଟିକା ସମୟରେ ଚାରିନଙ୍ଗଳ ଗ୍ରାମର ଜୟ ବଜରଙ୍ଗବାଲି ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଓ ସମ୍ପାଦିକା ବ୍ୟାଙ୍କରୁ ଗୋଷ୍ଠୀ ଋଣ ଟଙ୍କା ବାବଦ ୪ଲକ୍ଷ ୬୯ହଜାର ଟଙ୍କାକୁ ୨ଲୁଟେରା ଝାମ୍ପି ନେଇ ଛୁ' ମାରିଥିଲେ। ମାତ୍ର ୫ଦିନ ଭିତରେ ବାଲିଚନ୍ଦ୍ରପୁର ପୁଲିସ ଲୁଟେରାଙ୍କୁ ଗିରଫ କରିବା ସହ ଲୁଟ ହୋଇଥିବା ଟଙ୍କା ଉଦ୍ଧାର କରିଛି। ଅନ୍ୟଜଣେ ଲୁଟେରା ଫେରାର ଥିବା ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବାଲିଚନ୍ଦ୍ରପୁର ଥାନାଧିକାରିଣୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ବଜରଙ୍ଗବାଲୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାଙ୍କ ଅଭିଯୋଗ ଆଧାରରେ ଥାନା କେସ୍ ନଂ. ୨/୨୪ରେ ମାମଲା ରୁଜୁ କରାଯାଇଥିଲା। ବାଲିଚନ୍ଦ୍ରପୁର ଅଞ୍ଚଳରେ ଘଟିଥିବା ଏହି ଲୁଟ୍ ଘଟଣାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଓ ବାଲିଚନ୍ଦ୍ରପୁର ଥାନାଧିକାରିଣୀ ପ୍ରମୋଦିନୀ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ତଦନ୍ତ ଅଧିକାରୀ ଏସ.ଆଇ ପ୍ରିୟଦର୍ଶନ ସେଠୀ, ଶଶୀଭୂଷଣ ପରିଡ଼ା ଏକ ଟିମ୍ ତିଆରି କରି ବ୍ୟାଙ୍କ ସିସିଟିଭି ଫୁଟେଜ୍ ଯାଞ୍ଚ ସହିତ ଘଟଣାର ତଦନ୍ତ କରି ଜଣେ ଅଭିଯୁକ୍ତକୁ କୋରେଇ ଥାନା ଅନ୍ତର୍ଗତ କନ୍ତର ଅଞ୍ଚଳରୁ ଗିରଫ କରିବାରେ ସଫଳ ହୋଇଥିଲେ। ତା ପାଖରୁ ୪ଲକ୍ଷ ଟଙ୍କା ଜବତ କରିଥିଲେ। ଗିରଫ ଅଭିଯୁକ୍ତ ଗାମ ଜିଲ୍ଲା ଆସ୍କା ଥାନା ଅନ୍ତର୍ଗତ ପାକଲ ପଲ୍ଲି ଗ୍ରାମର ଆହୁଲ ରାମ୍‌ଙ୍କ ପୁଅ ଆହୁଲା ସନ୍ତୋଷ(୨୪)। ଆଜି ଗିରଫ ଅଭିଯୁକ୍ତ ଆହୁଲା ସନ୍ତୋଷକୁ କୋର୍ଟ ଚାଲାଣ କରାଯାଇଛି। ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରୁ ବାରମ୍ବାର ଲୁଟେରା ମାନେ ବିଭିନ୍ନ ଉପାୟରେ ବୃଦ୍ଧ ବୃଦ୍ଧା, ମହିଳାମାନଙ୍କ ଠାରୁ ଲୁଟ୍ କରିଆସୁଥିବାବେଳେ ପ୍ରଥମ କରି ବାଲିଚନ୍ଦ୍ରପୁର ପୁଲିସ ବହୁତ ଶୀଘ୍ର ଅଭିଯୁକ୍ତ ମାନଙ୍କୁ ଗିରଫ କରି ଟଙ୍କା ଜବତ କରିପାରିଥିବାରୁ ବାଲିଚନ୍ଦ୍ରପୁର ଥାନାଧିକାରିଣୀ ପ୍ରମୋଦିନୀ ସାହୁଙ୍କୁ ବଜରଙ୍ଗବାଲୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ସଭ୍ୟା ଧନ୍ୟବାଦ ଜଣାଇଛନ୍ତି।

## ବିଧାୟକଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ; ଯୁବକ ଗିରଫ

**ଧର୍ମଶାଳା, ୯।୧(ସମିସ):** ସାମାଜିକ ଗଣମାଧ୍ୟମରେ ଧର୍ମଶାଳା ବିଧାୟକଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ଜଣେ ଯୁବକଙ୍କୁ ଜେଲ ହାଜତ ଯିବାକୁ ପଡ଼ିଛି।

ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ସ୍ୱର୍ଗତ ଭାଗବତ ପଲେଇଙ୍କ ପୁଅ ମନୋଜ (୨୬) ଦୁଇ ଦିନ ତଳେ ଫେସବୁକରେ ଲାଇଭ ଆସି ସ୍ଥାନୀୟ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଚରିତ୍ର ସଂହାର କରିବା ସହିତ ତାଙ୍କ ବିରୁଦ୍ଧରେ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ବିଧାୟକଙ୍କ ଜଣେ ସମର୍ଥକ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ସତ୍ୟାସତ୍ୟ ଅନୁସନ୍ଧାନ କରିବା ସହ ଗତକାଲି ରାତିରେ ମନୋଜକୁ ଗିରଫ କରିଛି। ଏନେଇ ପୁଲିସ ନଂ.୨୪/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମନୋଜକୁ ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆରେ କୌଣସି କଟକଣା ନଥିବାର ଏହାର ଫାଇଦା ନେଇ ଅନେକ ଯୁବକ ଦୈନନ୍ଦିନ ଅନ୍ୟର ଚରିତ୍ର ସଂହାର କରୁଥିବା ନଜରକୁ ଆସୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଧିରେ ଧିରେ ଯୁବପିଢ଼ି ଏହାର ଫାଇଦା ଉଠାଇ ଅନ୍ୟର ପ୍ରରୋଚନାରେ ଏଭଳି କାଣ୍ଡ କରିବାକୁ ପଛାଉ ନାହାନ୍ତି। ସୋସିଆଲ ମିଡିଆରେ ପରର ଚରିତ୍ର ସଂହାର କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଓ ମାମଲା କରିଥିବା ସମ୍ପୃକ୍ତ ବ୍ୟକ୍ତି ଦାବି କରିଛନ୍ତି।

## ଛାତ୍ରୀଙ୍କ ଆତ୍ମହତ୍ୟା

**କୁଆଖିଆ, ୯।୧(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ଡିହ କୁରାଂଶ ଗ୍ରାମରେ ମଙ୍ଗଳବାର ସକାଳେ ଓଢଣୀରେ ଫାଶି ଲଗେଇ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଉଦୟ କୁମାର ରାଉତଙ୍କ ଝିଅ ମାମା ରାଉତ (୨୨) ଠାକୁର ପୂଜା ନିମିତ୍ତ ଫୁଲ ତୋଳି ଘରକୁ ଫେରିଥିଲେ। କୌଣସି କାରଣରୁ ଘର ଭିତରେ ନିଜ ଓଢଣୀ ବେକରେ ଲଗେଇ ଝୁଲି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ୍ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ଶବ ଜବତ୍ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ମେଡ଼ିକାଲ ପଠାଇଛନ୍ତି। ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ଏଏସ୍ଆଇ ଦୁଷ୍ମନ୍ତ କୁମାର ଦାସଙ୍କ ଠାରୁ ପ୍ରକାଶ।

## ଅଗ୍ନିକାଣ୍ଡ; ୩୦ ଛେଳି ଜଳିଗଲେ

**କୟାଁଗୋଲା, ୯।୧(ସମିସ):** ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତ ନାରାୟଣପୁର ଗ୍ରାମରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଦୁଇ ବଖରା ଘର ଭସ୍ମିଭୂତ ହୋଇଥିବା ବେଳେ ଏଥିରେ ଥିବା ୩୦ରୁ ଉର୍ଦ୍ଧ୍ୱ ଛେଳି ଜଳି ଯାଇଛନ୍ତି। ସଟସର୍କିଟ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସୂଚନା ମୁତାବକ ଆଜି ସନ୍ଧ୍ୟାରେ ଗ୍ରାମର ଅରୁଣ କୁମାର ମହାନ୍ତିଙ୍କ ଘର ଓ ଗୁହାଳ ଘରେ ନିଆଁ ଲାଗିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବାକୁ ଉଦ୍ୟମ କରିବା ସହ ଦମକଳ ବାହିନୀ କୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଘର ସହ ୩୦ରୁ ଉର୍ଦ୍ଧ୍ୱ ଛେଳି ଜଳିଯାଇଥିଲେ। ଅରୁଣ ଜଣେ ଦିବ୍ୟାଙ୍ଗ ହୋଇଥିବାବେଳେ ଛେଳି ପାଳନ କରି ପରିବାର ପ୍ରତିପୋଷଣ କରୁଥିଲେ। ଏଭଳି ଅଘଟଣ ଯୋଗୁ ତାଙ୍କର ସର୍ବସ୍ୱ ହରାଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଷଣ୍ଢ ଆକ୍ରମଣରେ ବୃଦ୍ଧ ମୃତ

**ଧର୍ମଶାଳା, ୯।୧(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ଗ୍ରାମ ପଞ୍ଚାୟତ ଦେଓଦା ଗ୍ରାମରେ ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଅଲେଖ ମଲ୍ଲିକ (୬୫)। ପୂର୍ବରୁ ଦେଓଦା ଗ୍ରାମରେ ଏହି ମାରଣା ଷଣ୍ଢର ଆକ୍ରମଣରେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ଗ୍ରାମବାସୀମାନେ ବନବିଭାଗ ଠାରୁ ଆରମ୍ଭ କରି ଥାନା ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ମଙ୍ଗଳବାର ସକାଳୁ ଏହି ଅଲେଖ ତାଙ୍କ ଘର ପଛପଟେ ଖରାରେ ବସିଥିବାବେଳେ ଏହି ମାରଣା ଷଣ୍ଢ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ ଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଷଣ୍ଢକୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ତାକୁ ଧରିବାକୁ ଗ୍ରାମବାସୀମନେ ଦାବି କରିଛନ୍ତି।

## ଓଭରବ୍ରିଜ୍ ନିକଟରୁ ମହିଳା ଉଦ୍ଧାର

**ପାଣିକୋଇଲି, ୯।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡା ଓଭରବ୍ରିଜ ନିକଟରୁ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। କେଉଁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଜନୈକ ମହିଳା ଯାଜପୁରରୋଡର କୈବଲ୍ୟ ହୋଟଲରେ ରହି କାର୍ଯ୍ୟ କରନ୍ତି। କୌଣସି କାରଣରୁ ସେ ସେଠାରୁ ପଳାଇ ଆସି ରାଜପଥରେ ବୁଲୁଥିଲେ। କିଛି ଯୁବକ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ପିଛା କରିଥିଲେ। ଏହି ସମୟରେ ସେହିବାଟ ଦେଇ ଯାଉଥିବା 'ଆମେ ଆପଣଙ୍କ ପାଇଁ ହେଲପିଙ୍ଗ' ଗ୍ରୁପର ସଭାପତି ଅଶୋକ କୁମାର ଦାସ ସାଙ୍ଗରେ ଆଣି ଖାଇବାକୁ ଦେଇଥିଲେ। ପରେ ତାଙ୍କୁ ପଚାରିବାରୁ ସେ ନିଜକୁ କୁନି ମୁଣ୍ଡା (୩୭) କହିବା ସହ ତାର ପରିଚୟ ଦେଇଥିଲା। ଅନ୍ୟ ସଦସ୍ୟମାନଙ୍କ ସହ କୁନିକୁ ନେଇ କୈବଲ୍ୟ ହୋଟେଲରେ ଛାଡିଥିଲେ।

## ମଦ ଜବତ; ବେପାରୀ କୋର୍ଟଚାଲାଣ

**ପାଣିକୋଇଲି, ୯।୧(ସମିସ):** ପାଣିକୋଇଲି ପୁଲିସ ଆଜି ଜଣେ ଦେଶୀମଦ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶଙ୍ଖଚିଲା ଫାଣ୍ଡି ଅର୍ନ୍ତଗତ ବଡବିରୁହାଁ ପଞ୍ଚାୟତର ସୋଲପଟା ଗ୍ରାମ ଛକରେ ମଦ ବିକ୍ରି କରୁଥିବା ଦୁର୍ଯ୍ୟୋଧନ ମଳିକଙ୍କୁ ଗିରଫ କରି ୬ ଲିଟର ଦେଶୀମଦ ଜବତ କରିଥିଲେ। ଏକ ମାମଲା ରୁଜୁକରି ଦୁର୍ଯ୍ୟୋଧନକୁ କୋର୍ଟ ଚାଲାଣ କରାଯାଇଥିବା ଏଏସ୍ଆଇ ସୁଜିତ ମଲ୍ଲିକ ସୂଚନା ଦେଇଛନ୍ତି।

## ନାବାଳିକା ଅପହରଣ ଅଭିଯୋଗ

**ପାଣିକୋଇଲି, ୯।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗ ହୋଇଛି। ସଙ୍ଗମ ଗ୍ରାମର କୃଷ୍ଣ କାମୁଡିଆଙ୍କ ପୁଅ ମେଘନାଦ ତାଙ୍କୁ ଅପହରଣ କରିଥିବା ଥାନାରେ ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ସୋଲେଇ ଫୁଟ୍‌ବଲ୍ ପଡ଼ିଆ ପାଖରେ ବେଆଇନ ନିର୍ମାଣ



**ଯଖପୁରା, ୯।୧(ସମିସ):** ଦାନଗଦୀ ତହସିଲ କାର୍ଯ୍ୟାଳୟ ପଛପଟେ ଦିନ ଦ୍ୱିପ୍ରହରରେ ଚାଲିଛି ସରକାରୀ ଜମିରେ ଗୃହ ନିର୍ମାଣ କାମ। ଏପରି ଅଭିଯୋଗ ଆସିଛି ସୋଲେଇ ଗାଁ ରୁ। ସୋଲେଇ ଗାଁ ଫୁଟବଲ ଖେଳ ପଡ଼ିଆକୁ ଲାଗି ଗୋଟେ ଏକର ସରକାରୀ ଜାଗା ୨୦ ଗୁଣ୍ଠ ଜାଗାକୁ କୁ ଜଣେ ବ୍ୟକ୍ତି ଜବରଦଖଲ କରି ପାଚେରୀ କରି ଗୃହ ନିର୍ମାଣ କରୁଛି। ଯାହାର ରେକର୍ଡ କହୁଛି ମୌଜା ତ୍ରିଜଙ୍ଗା, ରକ୍ଷିତ ଜଙ୍ଗଲ ଖାତା ନମ୍ବର ୫୦୧ ଓ ପ୍ଲଟ ନମ୍ବର ୨୪୦। ଏହି ନିର୍ମାଣସ୍ଥଳଠାରୁ ତହସିଲ ଅଫିସର ଦୂରତା ମାତ୍ର ୫୦ମିଟର ଦୂରରେ କିପରି ପ୍ରଶାସନ ଜାଣି ପାରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦାନଗଦି ତହସିଲ ଅଞ୍ଚଳର ବହୁ ସରକାରୀ ଜମି ଜବର ଦଖଲ ଦିନକୁ ଦିନ ବଢ଼ି ଚାଲିଛି। ଅଭିଯୋଗ ହେଉଛି ରାଜସ୍ୱ ବିଭାଗର ଦାୟିତ୍ୱ ରେ ଥିବା ଅଫିସର ମାନଙ୍କ ଜାଣତରେ ସବୁ ହେଉଛି। ଜମି ମାଫିଆ, ବାହାର ଲୋକ ଗୋଚର, ଜଙ୍ଗଲ ଜମି, ଅନାବାଦୀ କିଛି ଛାଡୁନାହାନ୍ତି। ରାତି ଅଧିଆ ସରକାରୀ ଜମି କିଣା ବିକା ଜୋରଦାର ଚାଲିଛି। କିଛି ଜାଗାରେ ଖାଲି ନୋଟିସରେ ସୀମିତ ରହୁଛି କାର୍ଯ୍ୟାନୁଷ୍ଠାନ।

### କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଞ୍ଚଳବାସୀ

ଏନେଇ ତହସିଲଦାରଙ୍କୁ ପଚାରିବାରୁ, ସେ କହିଛନ୍ତି କି ତହସିଲ ତାର କାର୍ଯ୍ୟାନୁଷ୍ଠାନ ନେବ। ଦରକାର ହେଲେ ଘରକୁ ଭାଙ୍ଗିଦିଆଯିବ। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଏବେଠୁ ଦୃଷ୍ଟି ନ ଦେଲେ ଆଉ ସରକାରୀ ଜମି ଗୁଣ୍ଠେଟିଏ ମଧ୍ୟ ରହିବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

## ବିଷାକ୍ତ ଫଳ ଖାଇ ୩ ଶିଶୁ ଅସୁସ୍ଥ

**ସୁକିନ୍ଦା, ୯।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗରାମିଆଁ ଗ୍ରାମର ତିନିଜଣ ଶିଶୁ ବିଷାକ୍ତ ଫଳ ଖାଇ ମଙ୍ଗଳବାର ସନ୍ଧ୍ୟାରେ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ କାଳିଆପାଣି ଥାନା ଅନ୍ତର୍ଗତ ଗରାମିଆଁ ଗ୍ରାମର କ୍ଷେତ୍ରବାସି ମହାକୁଡ଼ଙ୍କ ଶିଶୁ କନ୍ୟା ଶ୍ରାବଣୀ ମହାକୁଡ(୪), ରମେଶ ମୁଣ୍ଡାଙ୍କ ଶିଶୁ ପୁତ୍ର ମନୋଜ ମୁଣ୍ଡା(୪) ଓ ବିକାଶ ମୁଣ୍ଡାଙ୍କ ଶିଶୁପୁତ୍ର ଈଶକ ମୁଣ୍ଡା(୪) ସନ୍ଧ୍ୟାରେ ଖେଳୁଥିବା ସମୟରେ ସେହି ନିକଟରେ ଥିବା କଣ୍ଟାଗଛର ବିଷାକ୍ତ ଫଳ ଖାଇ ଗୁରୁତର ହୋଇପଡ଼ିଥିଲେ। ସମସ୍ତେ ବାନ୍ତି କରି ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସମସ୍ତଙ୍କର ଚିକିତ୍ସା ଜାରି ରହିଥିବାବେଳେ ବିପଦମୁକ୍ତ ଥିବା ଡାକ୍ତର ସୂଚନା ଦେଇଛନ୍ତି। ଚିକିତ୍ସା ସମୟରେ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରୁନଥିବାରୁ ମେଡିକାଲରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

## ରଣକ୍ଷେତ୍ର ପାଲଟିଲା ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ

**ବରୀ, ୯।୧(ସମିସ):** ବାଲିଆପାଳ ସ୍ଥିତ ବିଧାନଚନ୍ଦ୍ର ଏକାଡେମୀ ଖେଳ ପଡ଼ିଆ ଠାରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଚାଲିଥିଲା। ଫାଇନାଲ କ୍ରିକେଟ ମ୍ୟାଚ ଧାରପୁର ଓ ଉଦୟନାଥପୁର ପଞ୍ଚାୟତ ମଧ୍ୟରେ ଚାଲିଥିବାବେଳେ ଖେଳ ଅମ୍ପାୟାରଙ୍କ ନିଷ୍ପତିକୁ ବିରୋଧ କରି ଉଦୟନାଥପୁରର ଖେଳାଳିମାନେ ନିଷ୍ପତ୍ତି ପ୍ରତ୍ୟାହାର ଦାବି କରିବାରୁ କିଛି ଦର୍ଶକ ଏହାକୁ ବିରୋଧ କରିଥିଲେ। ସେହି ଘଟଣାରୁ ଉଚ୍ଚବାଚ ହେବା ସହିତ ଆକ୍ରମଣ ପ୍ରତି ଆକ୍ରମଣ ଦେଖିବାକୁ ମିଳିଥିଲା। ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରୀ ବିଡ଼ିଓ ପଞ୍ଚାନନ ମଲିକ, ଅତିରିକ୍ତ ବିଡ଼ିଓ ମହେଶ୍ୱର ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଣ୍ଡଳ ଉନ୍ନୟନ ଅଧିକାରୀ ଖେଳକୁ ସ୍ଥଗିତ ରଖାଗଲା ଓ କେବେ ଖେଳ ହେବ ତାହା ଜଣାଇ ଦିଆଯିବ ବୋଲି ଘୋଷଣା କରିଥିଲେ। କ୍ରୀଡ଼ା ଦାୟିତ୍ୱରେ ଥିବା ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠିଙ୍କୁ ପଚାରିବାରୁ ସେ କୁହନ୍ତି ଆଇନଶୃଙ୍ଖଳା ରକ୍ଷା କ୍ଷେତ୍ରରେ ବରୀ ଥାନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଅଛି। ଘଟଣାସ୍ଥଳରେ ବରୀ ପୋଲିସ ପହଞ୍ଚି ଘଟଣାକୁ ଆୟତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ କେତେଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ବୈଠକ

**ପାଣିକୋଇଲି, ୯।୧(ସମିସ):** ଯାଜପୁର ଜିଲ୍ଲା ବହୁମୁଖୀ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘର ଏକ ଜରୁରିକାଳୀନ ବୈଠକ ପାଣିକୋଇଲି ପଥରପଦା ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଦଶଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତା ଯୋଗ ଦେଇଥିଲୋ। ଦୀର୍ଘବର୍ଷ ଧରି କରାଯାଇଥିବା କ୍ୟାଡ଼ର ରିଷ୍ଟ୍ରକଚର୍ ଦାବିକୁ ବିଭିନ୍ନ ଜିଲ୍ଲାର ମିଳିତ ମହାସଂଘ ଏବଂ ରାଜ୍ୟ ମିଳିତ ମହାସଂଘର ସହଯୋଗ କ୍ରମେ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଉକ୍ତ ଦାବିକୁ ଯଥାର୍ଥତା ଭାବେ ଗ୍ରହଣ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଗତ ନଭେମ୍ବର ମାସରେ ଅନୁମୋଦନ କରିଥିଲେ। ସେଥିପାଇଁ ଜିଲ୍ଲାର ମିଳିତ ମହାସଂଘ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲ୍ଲାର ମିଳିତ ମହାସଂଘ କିଛିଦିନ ହେବ ଅଚଳ ଅବସ୍ଥାରେ ରହିଥିଲା। ଏହି ବୈଠକ ରେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଯଶୋଲିନ ଜେନା, କାର୍ଯ୍ୟକାରୀ ସଭାପତି ଭାବେ ସରୋଜ କୁମାର ନାଥ, ଉପ ସଭାପତି ଭାବେ ଚନ୍ଦ୍ରମଣି ମଲ୍ଲିକ, ସେକ୍ରେଟାରୀ ଭାବେ ରମାକାନ୍ତ ବାରିକ, ଯୁଗ୍ମ ସମ୍ପାଦକ ଭାବେ ପ୍ରଜ୍ଞା ପାରମିତା ବଳ, ମିଡ଼ିଆ ସେକ୍ରେଟାରୀ ଭାବେ ସୁଶାନ୍ତ କୁମାର ସେନାପତି ଓ ଜିତେନ୍ଦ୍ର ମୁଖୀ, କ୍ୟାସିଅର ଭାବେ ଜିତେନ୍ଦ୍ର ଖଣ୍ଡାଇ ଓ ଉପଦେଷ୍ଟା ଭାବେ ଭ୍ରମରବର ମଲିକ, ଧର୍ମେନ୍ଦ୍ର ଓଝା, ଅଶ୍ୱିନୀ କୁମାର ଖୁଣ୍ଟିଆ, ଅନିଲ ରଥ, ଉଦୟନାଥ ମଲିକ, ନଳିନୀ ପ୍ରଭା ସାମଲଙ୍କ ସମେତ ଅନ୍ୟମାନଙ୍କ ନାମ ଘୋଷଣା କରାଯାଇଥିଲା।

## ନୂତନ ଦାରୁବିଗ୍ରହଙ୍କ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ



**ସୁକିନ୍ଦା, ୯।୧(ସମିସ):** ସୁକିନ୍ଦା ଜଗନ୍ନାଥ ମନ୍ଦିର ପରିସରରେ ନୂତନ ବିଗ୍ରହଙ୍କ ନିର୍ମାଣ କାର୍ଯ୍ୟ ସୋମବାର ଦିନ ଶୁଭାରମ୍ଭ ହୋଇଛି। ଏହି ମନ୍ଦିରର ବିଗ୍ରହ ପରିବର୍ତ୍ତନ ପାଇଁ ପୁରୀ ଶ୍ରୀମନ୍ଦିର ପକ୍ଷରୁ ଅନୁମତି ମିଳିବା ପରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର, ମା ସୁଭାଦ୍ରାଙ୍କ ବାଡଗ୍ରାହୀ ମାଧବ ଚନ୍ଦ୍ର ଦାସ, ଚିନ୍ତାମଣି ମହାରଣା ପ୍ରମୁଖ ଦାରୁ ଚିହ୍ନଟ କରିବା ପରେ ଗତ ୩୧ତାରିଖରେ ମହାଆଡ଼ମ୍ବରରେ ଦାରୁ ଛେଦନ ହୋଇଥିଲା। ଛେଦନ ଦାରୁଙ୍କୁ ଶଗଡ଼ରେ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇ ଗର୍ଭଗୃହରେ ରଖାଯାଇଥିଲା। ସୋମବାର ସକାଳୁ ଦାରୁଙ୍କୁ ସ୍ନାନ କରାଇ ଜଗନ୍ନାଥଙ୍କ ଆଜ୍ଞାମାଳ ନେବା ପରେ ପୂଜାର୍ଚ୍ଚନା ହୋମଯଜ୍ଞ ଆରମ୍ଭ ହୋଇଥିଲା। ଶତାଧିକ ପୁରୁଷ ଓ ମହିଳା ଭକ୍ତ ଗର୍ଭଗୃହ ସମ୍ମୁଖରେ ନାମସଂକୀର୍ତ୍ତନ କରିଥିଲେ। ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ ପରେ ସୁକିନ୍ଦା ରାଜା ସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ନୂତନ ବିଗ୍ରହଙ୍କ ନିର୍ମାଣ ପାଇଁ ପୁରୀରୁ ଆସିଥିବା ଚିନ୍ତାମଣି ମହାରଣା, ସୁମନ୍ତ ଓଝା ଓ ବାପୁଜୀ ସୁତାରଙ୍କ ଟିମକୁ ଗର୍ଭ ଗୃହରେ ପ୍ରବେଶ କରାଇ ଦ୍ୱାର ବନ୍ଦ କରିଥିଲେ। ଆଜିଠାରୁ ନୂତନ ବିଗ୍ରହଙ୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳର ଶହ ଶହ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି।

## ମା' ମଙ୍ଗଳା ଏସ୍‌ଏଚ୍‌ଜି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ




**ମଙ୍ଗଳପୁର, ୯।୧(ସମିସ):** ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ତ ଦେଓପଡ଼ା ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଖରିଫ ଧାନ ସଂଗ୍ରହ ପାଇଁ ସୋମବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣାଟ କେଶରି ଦାସ ଯୋଗଦେଇ ଧାନମଣ୍ଡିଟିକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଡାହାଣହତା ପ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ଜ୍ୟୋତିର୍ମୟୀ ମହାନ୍ତି, ସମ୍ପାଦିକା ଅପରାଜିତା ଖୁଣ୍ଟିଆ, ସମିତିସଭ୍ୟା ସସ୍ମିତା ଜେନା, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ପୂର୍ବତନ ସରପଞ୍ଚ ଗୋବିନ୍ଦ ଜେନା ବିପିସି ସୟକୁମାର ମଲ୍ଲିକ, ଆର୍‌ଏମସି ପକ୍ଷରୁ ଅମୂଲ୍ୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦିଲୀପ ବେହେରା, ରବୀନ୍ଦ୍ର ରାଉତ, ନକୁଳି ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସୌରିକ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ▶ ଆକର୍ଷଣ ସାଜିଲା କୁନି ପିଲାଙ୍କ ନୃତ୍ୟ



**କାଳିଆପାଣି, ୯।୧(ସମିସ):** ସୌରିକ ଯୁବ ମହୋତ୍ସବର ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ଼କ୍ଟର ପ୍ରଫୁଲ୍ଲ ଘଡ଼ାଇ ଯୋଗଦେଇଥିଲେ। ସକାଳ ୧୦ଟାରୁ ଆରମ୍ଭ ହୋଇଥିଲା ସ୍କୁଲ ପିଲାମାନଙ୍କ ନୃତ୍ୟଗୀତ ପ୍ରତିଯୋଗିତା। ଖଣି ଅଞ୍ଚଳର ପ୍ରାୟ ସମସ୍ତ ହାଇସ୍କୁଲ ଛାତ୍ରଛାତ୍ରୀମାନେ ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ସ୍କୁଲରୁ ଆସିଥିବା ପିଲାମାନେ ଅତି ଉଚ୍ଚ କୋଟିର ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଖଣି ଅଞ୍ଚଳର ଭେଟେରାନ ଶିକ୍ଷାବିତ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପିଲାଙ୍କ ନୃତ୍ୟଗୀତରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଡ଼କ୍ଟର ଘଡେଇ ପୁରସ୍କୃତ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଜି ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼କ୍ଟର ଘଡେଇ ଏବଂ ଯାଜପୁର ସାଂସଦ ସୁଲତା ଦେଓ ଯୋଗ ଦେଇଥିଲେ। ସୌରିକ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଓଲିଉଡ଼ କଳାକାରଙ୍କ ପକ୍ଷରୁ ସ୍ୱୟମ ପାଢ଼ି, ଅନ୍ତରା, ଟୁକୁନା ଷ୍ଟାଇଲିସ, ସୁବାଶିଷ, ଶିବାନୀ ପ୍ରମୁଖ ନୃତ୍ୟଗୀତ ସହିତ ଓଡ଼ିଆ କମେଡି ପରିବେଷଣ କରି ଦର୍ଶକ ମାନଙ୍କ ମନୋରଞ୍ଜନ କରିଥିଲେ।

## ରାଜ୍ୟସ୍ତରୀୟ ଚକାଆଖି କପ୍; ବାପୁଜୀ ସ୍ପୋର୍ଟିଂ ବିଜୟୀ




**କବାଟବନ୍ଧ, ୯।୧(ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡିହ ପଞ୍ଚାୟତ ଅଧିନ ରାମଚନ୍ଦ୍ରପୁର ଠାରେ ଚକାଆଖି ସ୍ପୋର୍ଟିଂ କ୍ଲବ ଏବଂ ସୋସିଆଲ ଅର୍ଗାନାଇଜେସନ ଆନୁକୂଲ୍ୟରେ ୨୭ ତମ ଚକାଆଖି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ବିଏମ୍‌ସିସି ଯାଜପୁର ଏବଂ ବାପୁଜି ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବି ଏମ୍ ସି ସି ଯାଜପୁର ପ୍ରଥମେ ବ୍ୟାଟିଂ କରି ୨୧.୧ଓଭର ଖେଳି ୮ ଉଇକେଟ ବିନିମୟରେ ୧୭୨ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ବିଜୟୀ ଟିମ ବାପୁଜି ସ୍ପୋର୍ଟିଂ କ୍ଲବ ପକ୍ଷରୁ ବିଜିରାମ ବେହେରା ୩୨ ବଲ୍‌ରୁ ୪୬ ରନ କରି ନଟଆଉଟ, ଅମିନ ୨୧ଟି ବଲ୍‌ରୁ ୪୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପ୍ରଦୀପ ପ୍ରଧାନ ୫ ଓଭର ବୋଲିଂ କରି ୮ ରନ ବିନିମୟରେ ୨ ଉଇକେଟ ଏବଂ ସାୟାଦ ଜାକି ୪ ଓଭର ବୋଲିଂ କରି ୪୦ ରନ ବ୍ୟୟ କରି ୨ ଉଇକେଟ ଅକ୍ତିଆର କରିଥିଲେ।

ସେହିପରି ବିଏମ୍‌ସିସି ଯାଜପୁର ପକ୍ଷରୁ ଆଦିତ୍ୟ ଜେନା ୩୮ ବଲ୍‌ରୁ ୫୩ ରନ୍ ଏବଂ କାର୍ତ୍ତିକ ପତି ୩୩ ଗୋଟି ବ୍‌ରୁ ୪୬ରନ ସଂଗ୍ରହ କରିଥିଲେ। ଯୁବ ଉଦ୍ୟୋଗୀ ସରୋଜ କୁମାର ରାଉତ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଆଶୁତୋଷ ପାଣି ଏବଂ ଛାୟାକାନ୍ତ ଦ୍ୱିବେଦୀ ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱ ଜଗନ୍ନାଥ କରଣ ଏବଂ ମାନସ କୁମାର ଭୂୟାଁ ତୁଲାଇ ଥିଲେ। ଚକାଆଖି ସ୍ପୋର୍ଟିଂ କ୍ଲବ ଏବଂ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ସିଂହପୁର ପ୍ରିମିୟର ଲିଗ ଉଦଘାଟିତ



**ସିଂହପୁର, ୯।୧(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡି ପଡ଼ିଆଠାରେ ସିଂହପୁର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ସିଂହପୁର ପ୍ରିମିୟର ଲିଗ ଉଦଘାଟନ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସମ୍ମାନ ପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଖେଳକୁ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସୁପର କିଙ୍ଗ, ବ୍ଲାକ ପାନ୍ଥର, ଇଲେଭେନ ଷ୍ଟାର, ରୟାଲ ଷ୍ଟ୍ରାଇକର, ଇଓର ଚଏସ, ଏମଡିଏନ ପାୱାର ହିଟର ପ୍ରମୁଖ ଟିମ୍ ଅଂଶଗ୍ରହଣ କରିଛନ୍ତି। ରାକେଶ ରୋଶନ ଜେନା, ସ୍ମୃତିରଞ୍ଜନ ଥାଟୋଇ, ଦ୍ୱାରିକା ନାଥ ସାମଲ, ପ୍ରଶାନ୍ତ ନାୟକ, ରାଜେଶ ବେଉରିଆ, ନିର୍ମଳ ସାମଲ, ମାନସ ରଞ୍ଜନ ସାମଲ ପ୍ରମୁଖ ଖେଳ ପରିଚାଳନା କରୁଛନ୍ତି।

## ଦୁଧେଇ ନାଳ ପାରି ହେବାକୁ ଦେଶୀ ଡଙ୍ଗା ଭରସା

# ଖରାଦିନିଆ ପୋଲ ନିର୍ମାଣ ପାଇଁ ଦାବି

**ବିଞ୍ଝାରପୁର, ୯।୧(ସମିସ)**



ବିଞ୍ଝାରପୁର ଜଳସମ୍ପଦ ଉପଖଣ୍ଡ ଅଧିନରେ ଥିବା ଦୁଧେଇ ନାଳରେ ଏ ପର୍ଯ୍ୟନ୍ତ ସ୍ଥାୟୀ ପୋଲ ନିର୍ମାଣ ହୋଇପାରିଲା ନାହିଁ। ଫଳରେ ଏହି ପୋଲ ପାଇଁ ହଇରାଣ ହରକତ ହେଉଥିବା ଉଭୟ ବିଞ୍ଝାରପୁର ଏବଂ ବରୀ ବ୍ଲକବାସୀ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ପ୍ରତିବର୍ଷ ଏଠାରେ ପ୍ରଶାସନ ତରଫରୁ ଅସ୍ଥାୟୀ ପୋଲ ନିର୍ମାଣ ହେଉନଥିବାରୁ ସ୍ଥାନୀୟ ଲୋକେ ନିଜସ୍ୱ ଉଦ୍ୟମରେ ବିପଦସଂକୁଳ ଅସ୍ଥାୟୀ ପୋଲରେ ପାରି ହେଉଛନ୍ତି।

ବିଞ୍ଝାରପୁର ଜଳସମ୍ପଦ ଉପଖଣ୍ଡ ଅନ୍ତର୍ଗତ ରତଳାଙ୍ଗ ସର୍କଲରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଯେ ବର୍ଷା ଦିନରେ ଲୋକେ ବିପଦପୂର୍ଣ୍ଣ ଭାବରେ ଡଙ୍ଗାରେ ଜଳଯାତ୍ରା କରୁଥିବା ବେଳେ ନଦୀରେ ପାଣି କମିଗଲେ ଏକ ଦୀର୍ଘ ବାଉଁଶ ସେତୁ ଉପରେ ମହାସୁଲ ଦେଇ ପ୍ରତିବର୍ଷ ପାର ହେଉଛନ୍ତି। ବିଞ୍ଝାରପୁର ସହିତ ବରୀର ସହଜ ସଂଯୋଗ ପାଇଁ ବିଞ୍ଝାରପୁରଠାରୁ ରତଳାଙ୍ଗ ନଦୀଘାଟ ପର୍ଯ୍ୟନ୍ତ ପାଞ୍ଚରୁ ଛଅ ଗୋଟି ଛୋଟ ପୋଲ ଓ ଏକ ରାସ୍ତା ନିର୍ମାଣ ସରିଛି। ଦୁଧେଇ ନାଳ ଉପରେ ନିର୍ମାଣ ହେଉଥିବା ସେତୁର କାମ ସରି ଯାଇଥିଲେ ଲୋକଙ୍କର ସବୁଦିନିଆ ସମସ୍ୟାର ସମାଧାନ ହୋଇ ଯାଇଥାନ୍ତା। ମାତ୍ର ଏହି ନାଳ ଦେଇ ୫ ନଂ ଜଳପଥ ନିର୍ମାଣ ପାଇଁ ସ୍ଥିର ହୋଇଥିବାରୁ ଏହି ପୋଲକାମକୁ ବନ୍ଦ କରି ଦିଆଗଲା। ନାଳରେ ବନ୍ୟା ଜଳ ଆସିଲେ ଲୋକମାନେ ଡଙ୍ଗାରେ ଓ ନଦୀ ଶୁଖି ଆସିଲେ ନଦୀ ଉପରେ ବାଉଁଶ, ତାଳ ପଟା ଭଳି ସାମଗ୍ରୀ ବ୍ୟବହାର କରାଯାଇ ଏକ ଚାର ନିର୍ମାଣ ହୋଇଥାଏ। ଯେଉଁ ଲୋକମାନେ ଏହି ଚାର ନିର୍ମାଣ କରିଥାନ୍ତି ସେମାନେ ଡଙ୍ଗା ଭଡା ତୁଲ୍ୟ ମହାସୁଲ ଯାତ୍ରୀମାନଙ୍କ ଠାରୁ ଆଦାୟ କରିଥାନ୍ତି। ଏହି ବିଷୟରେ ପ୍ରଶାସନ ଅବଗତ ଥିଲେ ମଧ୍ୟ ନଦୀରେ ବିପଦପୂର୍ଣ୍ଣ ଯାତ୍ରା ରୋକିବା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଓଲଟି ପ୍ରଶାସନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଫିସର ପର୍ଯ୍ୟନ୍ତ ମହାସୁଲ ଦେଇ ଏହି ବିପଦପୂର୍ଣ୍ଣ ଚାର ଉପରେ ଗମନା ଗମନ କରୁଛନ୍ତି। ବିଞ୍ଝାରପୁର ବ୍ଲକର ତିନୋଟି ସ୍ଥାନରେ ଫେୟାର ୱେଦର ବ୍ରିଜ ହେଉଥିବା ବେଳେ ସେହି ସ୍ଥାନ ଗୁଡିକରେ ସବୁଦିନିଆ ପୋଲ ନିର୍ମାଣ ହେବା ପରେ କାଠ ଗୁଡିକ ଅଫିସରେ ଖତ ଖାଉଛି। ଏହି କାଠକୁ ବ୍ୟବହାର କରାଯାଇ ରତଳାଙ୍ଗ ଦେଇ ଯାଇଥିବା ଦୁଧେଇନାଳ ଉପରେ ଖରାଦିନିଆ ପୋଲ କରାଯାଇ ଗମନା ଗମନକୁ ସୁଯୋଗ ଦିଆଯିବା ଉଚିତ୍। ତେବେ ଯାଜପୁର ଜିଲ୍ଲା ପ୍ରଶାସନ, ଯାଜପୁର ଜଳସମ୍ପଦ ବିଭାଗ ତଥା ବିଞ୍ଝାରପୁର, ବରୀ ଜଳସମ୍ପଦ ଉପବିଭାଗର କର୍ମକର୍ତ୍ତାମାନେ ନିଦାବିଷ୍ଟୁ ସାଜିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଖରାଦିନିଆ କାଠପୋଲ ନିର୍ମାଣ ପାଇଁ ଦାବି ହୋଇଛି।

### ସେମାନେ ଯାହା କହନ୍ତି ...

- ପ୍ରତିଦିନ ହଜାରରୁ ଊର୍ଦ୍ଧ୍ୱ ପଥଚାରୀ, ଛାତ୍ର, ମହିଳା, ଶିକ୍ଷକ, କର୍ମଚାରୀ, ଦିନମଜୁରିଆଙ୍କର ଏହା ନିତ୍ୟ ବ୍ୟବହୃତ ରାସ୍ତା। ସେତୁ ନିର୍ମାଣ ଯେବେ ହେଉଛି ହେଉ, ଖରାଦିନିଆ କାଠପୋଲ ତୁରନ୍ତ ନିର୍ମାଣ ହେଉ।
  **—ରମାଲାଲ ଭୂୟାଁ (ସାମ୍ବାଦିକ, ବିଞ୍ଝାରପୁର)**
- ବିପଦପୂର୍ଣ୍ଣ ଜଳଯାତ୍ରା ଦେଖିଲେ ଛାତିରେ ଛନକା ପଶି ଯାଉଛି। ତେବେ ଅନନ୍ୟ ଉପଉୟ ହୋଇ ଲୋକେ ଏହି ରାସ୍ତାରେ ଗମନା ଗମନ କରି ଚାଲିଛନ୍ତି। ଲୋକମାନଙ୍କର ସୁରକ୍ଷିତ ଯାତ୍ରା ପାଇଁ ସରକାର ଖରାଦିନିଆ ପୋଲର ଆରମ୍ଭ କରିବା ଉଚିତ୍।
  **—ଆନନ୍ଦ ଚନ୍ଦ୍ର ସାମଲ ( ଅବସରପ୍ରାପ୍ତ କର୍ମଚାରୀ)**
- ଗମନା ଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିଥିବା ଜନପ୍ରିୟ ସରକାରଙ୍କ ପାଇଁ ଏହି ସମସ୍ୟାଟି ନିହାତି ବଡ ନୁହେଁ। ତେବେ ଏହି ଦିଗ ପ୍ରତି ଗୁରୁତ୍ୱ ଦେବା ସହିତ କାଠ ପୋଲ ନିର୍ମାଣ ହେଉ। କିନ୍ତୁ ସବୁଦିନିଆ ପୋଲ ନିର୍ମାଣ ସମ୍ପର୍କରେ ସରକାର ଓ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ।
  **—ରବିନାରାୟଣ ସାମଲ (ସ୍ତମ୍ଭକାର)**

## ମଧୁବନ ସାହିତ୍ୟ ସଂସଦ ଉତ୍ସବ ପ୍ରସ୍ତୁତି ବୈଠକ

**କୁଆଖିଆ ୯ ।୧: (ସମିସ):** ରସୁଲପୁର ବ୍ଲକର ପୁରାତନ ସାହିତ୍ୟ ସଂଗଠନ ମଧୁବନ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ନିମନ୍ତେ ମଧୁବନ ହାଟସ୍ଥ ରାମମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ସଭାପତି ବସନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂସଦର ବାର୍ଷିକ ଉତ୍ସବ ନିମନ୍ତେ ଅତିଥି ଚୟନ, ପତ୍ରିକା ପ୍ରକାଶନ ପାଇଁ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଲେଖକ, ଲେଖିକାଙ୍କଠାରୁ ପ୍ରବନ୍ଧ, କ୍ଷୁଦ୍ରଗଳ୍ପ, ଅନୁବାଦ ସାହିତ୍ୟ ଓ ସମାଜଧର୍ମୀ କବିତା ପ୍ରକାଶ ନିମନ୍ତେ ଆହ୍ୱାନ କରିବା ପାଇଁ ଆଲୋଚନା ହେବା ସହ ଉକ୍ତ ପତ୍ରିକା ପାଇଁ ନିଜସ୍ୱ ଲେଖା ପଠାଇବାକୁ ନିବେଦନ କରାଯାଇଥିଲା। ଏଥିସହିତ ଉତ୍ସବଟି ଆସନ୍ତା ମାର୍ଚ୍ଚ ୧୦ ରବିବାରରେ ଅନୁଷ୍ଠିତ ହେବା ସହିତ ଏହାକୁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକଙ୍କୁ ଅତିଥି ଭାବେ ଅନୁଷ୍ଠାନକୁ ନିମନ୍ତ୍ରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସଂସଦର ସମ୍ପାଦକ ସନ୍ତୋଷ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ବରିଷ୍ଠ କବି ରାମଚନ୍ଦ୍ର ଦାଶ, କବି ପ୍ରଭାତ ମଲ୍ଲିକ, କୋଷାଧ୍ୟକ୍ଷ ଧୀରେନ୍ଦ୍ର ସାହୁ, ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତି, ରବୀନ୍ଦ୍ର ମିଶ୍ର ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନବନିର୍ମାଣ କୃଷକ ସଂଗଠନର ବୈଠକ




**ବ୍ରହ୍ମବରଦା, ୯ ।୧(ସମିସ):** ବରୀ ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ସାମନ୍ତରାପୁର ପଞ୍ଚାୟତର କଚେରୀ ପଡ଼ିଆରେ ବରୀ ନିର୍ବାଚନ ମଣ୍ଡଳୀର ଚାଷୀ ଭାଇଙ୍କୁ ନେଇ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ନିମାଇଁ ରାୟ ସଭାପତିତ୍ୱ କରିଥିବାବେଳେ ସଂଗଠନ ପ୍ରତିଷ୍ଠାତା ଅକ୍ଷୟ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନବନିର୍ମାଣ କୃଷକ ସଂଗଠନର ଏଥର ବିଧାନସଭା ନିର୍ବାଚନରେ ଚାଷୀ ପ୍ରତିନିଧିଙ୍କୁ ବିଧାନସଭାକୁ ପଠାଇବାକୁ ଆହ୍ୱାନ ଦେଇଥିଲେ। ଚାଷୀ ସରକାର ପ୍ରତିଷ୍ଠା ହେବାର ପ୍ରଥମ ଦିନରେ ବାର୍ଦ୍ଧକ୍ୟଜନିତ ଭତ୍ତା ମାସିକ ୨ ହଜାର, ଚାଷୀ ସୁରକ୍ଷା ଭତ୍ତା ମାସିକ ୫ ହଜାର ଟଙ୍କା, ରାଜ୍ୟର ସମସ୍ତ ଚାଷଜମିକୁ ଜଳସେଚନ ଯୋଗାଣ, ରାଜ୍ୟରେ ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ, ଧାନର ସର୍ବନିମ୍ନ ମୂଲ୍ୟ କ୍ୱିଣ୍ଟାଲ ପିଛା ବୃଦ୍ଧି ୩ ହଜାର ୫ଶହ ଟଙ୍କା ଘୋଷଣା କରିଛନ୍ତି। ଯାଜପୁର ଜିଲ୍ଲା ସଂଯୋଜକ ଦିଲ୍ଲୀପ ବେହେରା ପ୍ରାରମ୍ଭିକ ସୂଚନା ଦେଇ ବିଲରୁ ବିଧାନସଭାକୁ ପ୍ରାର୍ଥୀ ପଠାଇବାକୁ କହିଥିଲେ। ଅଶୋକ ଶାନ୍ତି, ବିକାଶ ଦାସ, ମାଧବ ଶାନ୍ତି, ଗଗନ ରାଏ, ବଟ ଦାସ, ସ୍ମୃତିରଞ୍ଜନ ଓଝା, ପ୍ରଫୁଲ୍ଲ କଣ୍ଡ, ପଞ୍ଚାନନ ବୁଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ନବକିଶୋର ମିଶ୍ରଙ୍କ ବିୟୋଗରେ ଶୋକ

**ପାଣିକୋଇଲି, ୯।୧(ସମିସ):** ବର୍ତିକାର ମୁଖ୍ୟ ସମ୍ପାଦକ ସାହିତ୍ୟିକ ଓ ସମାଲୋଚକ ପ୍ରାଧ୍ୟାପକ ଡକ୍ଟର ନବକିଶୋର ମିଶ୍ରଙ୍କ ବିୟୋଗରେ ଚାହାଣୀ ସାହିତ୍ୟ ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ନବକିଶୋର ସାଧୁ ଗୌଡେଶ୍ୱର ମହାବିଦ୍ୟାଳୟର ପ୍ରାଧ୍ୟାପକ ଭାବେ ୨୦୧୪ରେ ଅବସର ଗ୍ରହଣ କରିଥିଲେ। ସ୍ୱର୍ଗତ ମିଶ୍ର ପୈତୃକ ଘର କେନ୍ଦ୍ରାପଡ଼ା ଜିଲ୍ଲା ଗୋବିନ୍ଦପୁର ଗ୍ରାମରେ। ଚାହାଣି ସାହିତ୍ୟ ମଞ୍ଚର ଉପଦେଷ୍ଟା ଥିଲେ। ତାଙ୍କ ମୃତ୍ୟୁରେ ଚାହାଣି ସମ୍ପାଦକ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ପାଣିକୋଇଲି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ପାଣିକୋଇଲି, ୯।୧(ସମିସ)**




ଆଜି ପାଣିକୋଇଲି ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ପାଣିକୋଇଲି ସମବାୟ ସମିତିରେ ମୋଟ ୮୩୦ ଜଣ ଚାଷୀ ଧାନ ଦେବା ପାଇଁ ପଂଜିକୃତ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସମବାୟ ସମିତି ସଭାପତି ସନ୍ତୋଷ କୁମାର ବେହେରା ଧାନ କ୍ରୟର ଶୁଭାରମ୍ଭ କରିଥିବାବେଳେ ସମ୍ପାଦକ ସୁଦର୍ଶନ ପରିଡ଼ା ଓ ଆରଏମସିର ପକ୍ଷରୁ ସୂର୍ଯ୍ୟକାନ୍ତ ସାହୁ ଯୋଗ ଦେଇଥିଲେ। ଅଦ୍ୱୈତ୍ୟ ଚରଣ ଦାଶ, ମୋହନ ଚରଣ ପାଢ଼ୀ, ନିମାଇଁ ମଲ୍ଲିକ, ତଉଲି ସମାଲ, ସୂର୍ଯ୍ୟମଣି ପଣ୍ଡା, କରୁଣାକର ମାଝୀ, ରବି ନାରାୟଣ ପଣ୍ଡା, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ସୁଦର୍ଶନ ପଣ୍ଡା, ଅନୀଲ ବୋଇତାଇ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

## ଗ୍ରାମନନ୍ଦିପୁର ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ଦଶରଥପୁର, ୯ ।୧ (ସମିସ)**



ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ସମବାୟ ସମିତିରେ ଧାନମଣ୍ଡିର ଶୁଭାରମ୍ଭ କରାଯାଇଛିଂସମବାୟ ସମିତି ସମ୍ପାଦକ ବଦ୍ରିନାରାୟଣ ପତିଙ୍କ ତତ୍ତ୍ୱାବଧାନରେ ଖୋଲିଥିବା ଏହି ଧାନମଣ୍ଡିକୁ ସମବାୟ ସମିତି ସଭାପତି ବିଷ୍ଣୁ ଚରଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଏଆର୍‌ସିଏସ୍ ନିବେଦିତା ସାମଲ ଯୋଗଦେଇଥିଲେ। ଏହି ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡି ବିହାରୀ ପଞ୍ଚାୟତର ଜଗନ୍ନାଥପୁର, ବୃନ୍ଦାବନପୁର, ଚମ୍ପା, ରାହାସୋଇ, ସାଉଣ୍ଡି, ଗ୍ରାମନନ୍ଦିପୁର ପଞ୍ଚାୟତର ନନ୍ଦିପୁର, ମିର୍ଜାପୁର, ବିରୁହାଁ ପଞ୍ଚାୟତର ବିରୁହାଁ, ସେନନ୍ଦା, ପୁବନାହି, ଭହଁରା, ଧୋଡ଼ା, ଶିରିପୁର ଓ ଅକରପଡ଼ା ପଞ୍ଚାୟତର ଭେଲଙ୍ଗ ଅଞ୍ଚଳର ଚାଷୀ ସେମାନଙ୍କର ଉତ୍ପାଦିତ ଧାନକୁ ବିକ୍ରି କରିପାରିବେ ବୋଲି ଜଣାପଡ଼ିଛି। ଏହି ମଣ୍ଡିରେ ବାହୁବଳୀ ରାଇସ୍ ମିଲ୍ ପକ୍ଷରୁ ମଣ୍ଡି ଶୁଭାରମ୍ଭର ପ୍ରଥମ ଦିନରେ ୫୨୪ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଜୟକେତନ ମହାପାତ୍ରଙ୍କ ସହ ସମସ୍ତ ପରିଚାଳନା କମିଟି ସଭ୍ୟ/ସଭ୍ୟା ଓ କର୍ମଚାରୀ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋରେ ଧର୍ମଶାଳା ପ୍ରତିଯୋଗୀଙ୍କ କୃତିତ୍ୱ

**ଧର୍ମଶାଳା, ୯ ।୧(ସମିସ):** ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ୨୫ତମ ସିନିୟର, ୩୬ତମ ଜୁନିୟର ଓ ଦ୍ୱିତୀୟ ସୁପର୍ ସବଜୁନିୟର ଚାମ୍ପିଅନସିପ୍ ପୁରୀ ରାଣୀସତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୬ ଓ ୭ ତାରିଖ ଦୁଇଦିନ ଧରି ଏହି ପ୍ରତିଯୋଗିତାରେ ରାଜ୍ୟର ୨୦ଟି ଜିଲ୍ଲାରୁ ୪ ଶହରୁ ଅଧିକ ପୁରୁଷ, ମହିଳା ଓ ବାଳକ, ବାଳିକା ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଯାଜପୁର ଜିଲ୍ଲା ଧର୍ମଶାଳା ଟାଏକ୍ୱୋଣ୍ଡୋ ଏକାଡେମୀରୁ ୧୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସିନିୟର୍ ମହିଳା ବିଭାଗରେ ୭୩ କେଜି ନିହାରିକା ପଣ୍ଡା ସ୍ୱର୍ଣ୍ଣ, ୫୩ କେଜିରେ ସିପା ଦାସ ରୌପ୍ୟ, ୬୨ କେଜିରେ ପ୍ରୀତିଲତା ସେଠୀ କାଂସ୍ୟ ଓ ସିନିୟର୍ ପୁରୁଷ ବିଭାଗର ୮୦ କେଜି ମଧ୍ୟରେ ସମର ସିଂହ ସ୍ୱର୍ଣ୍ଣ, ୬୮ କେଜରେ ମନୋଜ ରାଉତ ରୌପ୍ୟ, ୭୪ କେଜିରେ ବିଶ୍ୱରଞ୍ଜନ ସେଠୀ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ଜୁନିୟର ବାଳକ ୬୩ କେଜିରେ ଶିବଶମ୍ଭୁ ସାମଲ ରୌପ୍ୟ ଓ ସୁପର୍ ସବଜୁନିୟର ବାଳକ ୨୨ କେଜିରେ ନୀତେଶ ସାହୁ ସ୍ୱର୍ଣ୍ଣ, ୩୪ କେଜିରେ ଓମ୍ ସାଇ ସ୍ୱରୂପ ସ୍ୱର୍ଣ୍ଣ ଓ ଦିଶାନ୍ତ ସାମଲ ରୌପ୍ୟ ପଦକ ହାସଲ କରିଛନ୍ତି। ଇଣ୍ଡିଭିଜୁଆଲ ପୁମସିରେ ସୁପର୍ ସବ ଜୁନିୟର ବିଭାଗରେ ନୀତେଶ ସାହୁ ସ୍ୱର୍ଣ୍ଣ, ଟିମ୍ ପୁମସିରେ ଓମ୍ ସାଇ ସ୍ୱରୂପ, ନୀତେଶ ସାହୁ ଓ ଦିଶାନ୍ତ ରଞ୍ଜନ ସାମଲ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ସିନିୟର୍ ମହିଳା ଓ ସିନିୟର୍ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସମର ସିଂହ ଓ ନିହାରିକା ପଣ୍ଡା ଚଳିତ ମାସ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ବିକାନେରରେ ହେବାକୁ ଥିବା ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଯାଜପୁର ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିସନ୍‌ର ସଭାପତି କର୍ଣ୍ଣାଟ କେଶରୀ ଦାସ, ସମ୍ପାଦକ ଯଯାତି କେଶରୀ ଧଳ, ମୁଖ୍ୟ ପ୍ରଶିକ୍ଷକ ସମର ସିଂହ, ଟିମ୍ ମ୍ୟାନେଜର ସନ୍ତୋଷ କୁମାର ସାହୁ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ଚାରିନଙ୍ଗଳ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**କୁହଲ, ୯ ।୧ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି। ପରିଚାଳନା ସମିତି ସଭାପତି ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ସମିତିର ସମ୍ପାଦକ ଜୟଶ୍ରୀ ଦାସ ମଣ୍ଡିରେ ଧାନ କ୍ରୟର ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କମିଟିର ଉପସଭାନେତ୍ରୀ କଳ୍ପନା ପଣ୍ଡା, ସଦସ୍ୟ ସେକ୍ ଇମାଉଦ୍ଦିନ, ସେକ୍ ଜିଆଓ୍ୱାଲା, ଅନନ୍ତ ସିଂହ, ଭୀମସେନ ରାଉତ, ମାନସ ରଞ୍ଜନ ସାମଲ, କୋତବୁଦ୍ଦିନ୍ ଖାଁ, ମନ୍ମଥ ନାୟକ, ହିମାଂଶୁ



ଶେଖର ଦାସ, ନିରୋଦ ଚନ୍ଦ୍ର ସେନାପତି, ମାନସ ରଞ୍ଜନ ସାମଲ, ହିମାଂଶୁ ଶେଖର ବଳ, ଜାନକୀ ନାୟକ, ନାରାୟଣ ଦଳେଇ, ଚନ୍ଦ୍ରଶେଖର ଦଳେଇ, ସହସମ୍ପାଦକ ମନୋଜ କୁମାର ମହାରଣା, ସହଦେବ ଜେନା, ସହଯୋଗୀ ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ପାଲଟପୁର ଧାନମଣ୍ଡି ଉଦ୍‌ଘାଟିତ




**କଯାଁଗୋଲା, ୯ ।୧(ସମିସ):** ପାଲଟପୁର ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସଭାପତି ଅଶ୍ୱନୀ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଯାଜପୁର ସର୍କଲ ସମବାୟ ସମିତି ଏରିଆ ଅଫିସର ନିବେଦିତା ସାମଲ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବିଶ୍ୱଜିତ ଧଳ ମଣ୍ଡିରେ ଧାନ ବିକ୍ରି ପାଇଁ ସରକାରୀ ନିୟମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ଚଳିତ ବର୍ଷ ଏହି ସମିତି ଅଧୀନରେ ୭୬୨ ଜଣ ଚାଷୀ ନାମ ପଞ୍ଜିକୃତ କରିଥିବାବେଳେ ଧାନ କ୍ୱିଣ୍ଟାଲ ପ୍ରତି ୨୧୮୩ ସରକାରୀ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ସମବାୟ ସମିତି କର୍ମଚାରୀ ଦିଲ୍ଲୀପ କୁମାର ଦାସ, ରମେଶ କୁମାର ମଲ୍ଲିକ, ନିରଞ୍ଜନ ପଣ୍ଡା, ଶୋଭାକର ବେହେରା, ଉପସଭାନେତ୍ରୀ ଉର୍ମିଳା ବାରିକ, ସଭ୍ୟ ମନୋଜ ଧଳ, ପ୍ରଫୁଲ୍ଲ କର, ରାଜେଶ ବିଶ୍ୱାଳ, ହେମନ୍ତ ମଲ୍ଲିକ, ନରେନ୍ଦ୍ର ସେଠୀ, ବିଜୟ ନାୟକ, ଝଜେନ୍ଦ୍ର ମଲିକ, ସରୋଜ ବିଶ୍ୱାଳ, ରମେଶ ରାଉତ, ତ୍ରିଲୋଚନ ମଲିକ, ଚିନ୍ମୟ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍ୟସାଇ ସେବା ସମିତି ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ମଙ୍ଗଳପୁର, ୯ ।୧(ସମିସ):** ବିଂଝାରପୁର ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ବାଳବିକାଶ ପିଲାଙ୍କୁ ନେଇ ମା' କୁଆଁସ ମଙ୍ଗଳା ପୀଠରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ବଣଭୋଜି ଅନୁଷ୍ଠିତ ହୋଇଯାଇଛି। ହଳିଆପାଟଣା ଭଜନ ମଣ୍ଡଳୀ ସଦସ୍ୟ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବାଳ ବିକାଶ ଛାତ୍ରଛାତ୍ରୀ ଓ ୫୦ରୁ ଅଧିକ ଗୁରୁ ଗୁରୁମା ଓ ଅନ୍ୟ ଭାଇଭଉଣୀ ଯୋଗ ଦେଇଥିଲେ। ବାଳବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ମ୍ୟୁଜିକ ଚେୟାର, ସ୍କିପି, ଆଧ୍ୟାତ୍ମିକ ସଙ୍ଗୀତ, ବିଭିନ୍ନ ଶ୍ଳୋକ, ବେଦ, ଭଜନ, ଗଳ୍ପ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଶେଷରେ ଭଗବାନଙ୍କୁ ମଙ୍ଗଳା ଆଳତି ପ୍ରଦାନ କରାଯିବା ପରେ ବଣଭୋଜି ଅନୁଷ୍ଠିତ ହୋଇଥିଲା। ବିଂଝାରପୁର ସେବା ସମିତିର ଆବାହକ ସୁଶାନ୍ତ କୁମାର ପଣ୍ଡା, ହଳିଆପାଟଣା ଭଜନ ମଣ୍ଡଳୀର ଆବାହକ ବିଦ୍ୟାଧର ତରାଇ, କଟିକଟା ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ନାରାୟଣ ସାହୁ, ମା' ମଙ୍ଗଳା କମିଟି ସଭାପତି ଅଜୟ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାହିତ୍ୟିକଙ୍କ ପରଲୋକରେ ଶୋକସଭା

**ଦଶରଥପୁର, ୯ ।୧ (ସମିସ)**

ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ନବକିଶୋର ମିଶ୍ର (୭୯)ଙ୍କ ଚଳିତ ମାସ ୬ ତାରିଖ ସକାଳେ ମୃତ୍ୟୁ ହୋଇଛି। ୧୯୫୫ରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମିଶ୍ର ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି ପରବର୍ତ୍ତୀ ସମୟରେ ପ୍ରାଧ୍ୟାପକ ଭାବେ ସାଧୁଗୌରେଶ୍ୱର ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସୋମବାର ସ୍ୱର୍ଗତ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ଦଶରଥପୁର ଉଚ୍ଚ ବିଦ୍ୟାଳୟରେ ଏକ ଶୋକ ସଭାର ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କ୍ରାନ୍ତିକୁମାରୀ ସ୍ୱିଗଧା ସଂଘମିତ୍ରା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ମିଶ୍ରଙ୍କ ବ୍ୟକ୍ତିତ୍ୱ ତଥା ସାହିତ୍ୟ ପ୍ରତିଥିବା ଶ୍ରଦ୍ଧା, ଅନୁରାଗ ଉପରେ ଆଲୋକପାତ କରାଯିବା ସହିତ ସେ ଜଣେ ଦକ୍ଷ ଶିକ୍ଷାବିତ, ସଂଗଠକ, ପରୋପକାରୀ, ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ ବୋଲି ଆଲୋଚନା ହୋଇଥିଲା। ଶୋକସଭାରେ ଅମର ଆତ୍ମାର ସଦ୍‌ଗତି ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ।

## ବରୁଣ୍ଡେଇ ଓ ବଗିରିଆ ସମବାୟ ସମିତିରେ ଧାନକିଣା ଆରମ୍ଭ

**କୋରେଇ, ୯।୧ (ସମିସ)**

କୋରେଇ ବ୍ଲକ ଅନ୍ତର୍ଗତ ବଗିରିଆ ପ୍ରାଥମିକ କୃଷି ସମବାୟ ସମିତିରେ ଧାନକ୍ରୟ ଆରମ୍ଭ ହୋଇଛି। ପରିଚାଳନା ପରିଷଦର ସଭାପତି ବିଜୟ କୁମାର ସାହୁ ଧାନକିଣାର ଶୁଭାରମ୍ଭ କରିଥିଲେ। ସଦସ୍ୟ ଅଶୋକ କୁମାର ସାହୁ, ଯଯାତି ସାହୁ, ପ୍ରଣୟ ମହାପାତ୍ର, ସୁବାସ ଦାସ, ଚାଷୀ କମିଟି ସଦସ୍ୟ ପ୍ରଦୀପ ମହାପାତ୍ର, କାଳନ୍ଦୀ ଶତପଥୀ, ପ୍ରଫୁଲ୍ଲ କୁମାର ସାହୁ ଓ ଚାଷୀ ନାରାୟଣ ରାଉତ, ଦୟାନିଧି ସେନାପତି, ଅନିରୁଦ୍ଧ ଖଣ୍ଡାଇ, ଲକ୍ଷ୍ମୀଧର ମଲ୍ଲିକ, ଜଗନ୍ନାଥ ମଲ୍ଲିକ, ନରହରି ପତ୍ରୀ, ଅଞ୍ଜନ ମହାପାତ୍ର, ରାମଚନ୍ଦ୍ର ମାଝୀ, ଦୁଃଶାସନ ମାଝୀଙ୍କ ସମେତ ବହୁଚାଷୀ ଉପସ୍ଥିତ ଥିଲେ। ସମ୍ପାଦକ ସୁଦର୍ଶନ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କର୍ମଚାରୀ ବିଭୂତି ଭୂଷଣ ଦାଶ, ଯିଶୁକ୍ରିଷ୍ଟ ସାହୁ ସହଯୋଗ କରିଥିଲେ।

ସେହିପରି ବରୁଣ୍ଡେଇ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମିତି ସଭାପତି ଉଦୟନାଥ ଖଣ୍ଡେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କୃଷି ସମବାୟ ସମିତ ଉପସଭାପତି ପ୍ରମିଳା ମଲ୍ଲିକ, ସଭ୍ୟ ପ୍ରଦ୍ୟୁମ୍ନ ସାହୁ, ପରୀକ୍ଷିତ ସାହୁ, ସୁନନ୍ଦ ପାତ୍ର, ସେକ୍ ଅବଦୁଲ ଖଲିଲ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର କୁମାର ସେନାପତି, ଜଗବନ୍ଧୁ ଜେନା, ଗୌରହରୀ ଦାସ, ଶୈଳବାଳା ସ୍ୱାଇଁ, ସନାତନ ସାହୁ, ବୀରଭଦ୍ର ମଲିକ, ଆରତବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଘରକୁ ଘର ବୁଲିଲା ଜଗନ୍ନାଥଙ୍କ ଅର୍ପଣ ରଥ








ଭଦ୍ରକ, ୯ ।୧(ସମିସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ଭଦ୍ରକ ପୌରାଞ୍ଚଳରେ ଜୟ ଜଗନ୍ନାଥ ଅର୍ପଣ ରଥର ଗଡ଼ିଛି । ଆଜି ସହରାଞ୍ଚଳର ଚରମ୍ପା ୧ନମ୍ବର ୱାର୍ଡରେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଅର୍ପଣ ରଥର ଶୁଭ ଉଦଘାଟନ କରିଥିଲେ । ପରେ ୱାର୍ଡର ପ୍ରତି ଘରକୁ ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା । ବିଧାୟକ ନିଜେ ଘରକୁ ଘର ବୁଲି ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ ଲାଗି ଚାଉଳ ଓ ଗୁଆ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା । ଏହି ରଥ ପୌରାଞ୍ଚଳର ୩୦ଗୋଟି ୱାର୍ଡକୁ ପରିକ୍ରମା କରିବାକୁ ଥିବା ବେଳେ ଆଜି ୨, ୩, ୪ ନମ୍ବର ୱାର୍ଡ ପରିକ୍ରମା କରି ୫ନମ୍ବର ୱାର୍ଡରେ ପହଞ୍ଚିଥିବା ଜଣାଯାଇଛି । ଏହି ରଥ ପରିକ୍ରମା ବେଳେ ଶତାଧିକ ମହିଳା, ପୁରୁଷ ସାମିଲ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରବୀର ଜେନା, ୧ନମ୍ବର ୱାର୍ଡ କାଉନସିଲର ଜୟନ୍ତୀ ପୃଷ୍ଟି, ୨ନମ୍ବର ୱାର୍ଡ କାଉନସିଲର ରଞ୍ଜନ ଜେନା, ୩ନମ୍ବର ୱାର୍ଡ କାଉନସିଲର ଖଗେଶ୍ୱର ବାରିକ ଓ ୫ନମ୍ବର ୱାର୍ଡ କାଉନସିଲର ଦିଲିପ୍ ନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

**ବାସୁଦେବପୁର:** ବାସୁଦେବପୁରରେ ଆଜି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ସ୍ଥାନୀୟ ପୌରପାଳିକାର ପ୍ରଶନ୍ନଦେବ ଜୀଉ ମନ୍ଦିର ପରିସରରୁ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ପୌର ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ନିବେଦିତା ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ରଥ ପରିକ୍ରମା ବେଳେ ଘରକୁ ଘର ବୁଲି ନାମ ସଂକୀର୍ତ୍ତନ ହେବା ସହ ଚାଉଳ ଓ ଗୁଆ ସଂଗ୍ରହ ହୋଇଥିଲା । ସ୍ଥାନୀୟ ୧୨ ନମ୍ବର ୱାର୍ଡ ସମେତ ୧୧ ଓ ୧୩ ନମ୍ବର ୱାର୍ଡରେ ବି ଏହି କାର୍ଯ୍ୟକ୍ରମର ପରିକ୍ରମା ରଥ ବୁଲିଥିଲା । ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ଉତ୍ତମ ବାରିକ, ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ, ଯୁବ ଉଦ୍ୟୋଗୀ ତଥା ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ବରିଷ୍ଠ ବିଜେଡି ନେତା ମାନସ ସାହୁ, ଗୌତମ ବେହେରା, କାଳନ୍ଦୀ ସାହୁ, କାଉନସିଲର ଜୟନ୍ତୀ ସାହୁ, କଳ୍ପନା ସେଠୀ ପ୍ରମୁଖ ସାମିଲ ହୋଇଥିଲେ ।

**ଆଗରପଡ଼ା:** ମଙ୍ଗଳବାର କାଦବରାଙ୍ଗ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ବୁଲିଛି । କାଦବରାଙ୍ଗ ଶିବ ମନ୍ଦିରରେ ରଥ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ତଅପୋଇ ସେଠୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ପରେ ଏହା ୮, ୯ ଓ ୧୦ନଂ ୱାର୍ଡ଼ ପରିକ୍ରମା କରିଥିଲା । କୀର୍ତ୍ତନ ମଣ୍ଡଳୀର ମୃଦଙ୍ଗ, ଝାଞ୍ଜ ବାଦନ ସହ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଲୋକେ ଭକ୍ତି ଭାବନା ସହ ଗୁଆ ଓ ଚାଳଳ ଦେଉଥିବାର ଦେଖିବାକୁ ମିଳିଥିଲା । ପୂର୍ବତନ ସରପଞ୍ଚ ଭାଗୀରଥୀ ସେଠୀ, ଯୁବ ବିଜେଡି ସଭାପତି କିଶୋର ରାଉତ, ନାଏବ ସରପଞ୍ଚ ଦାମୋଦର ପଣ୍ଡା, ବିଷ୍ଣୁ ଦାସ, ରମେଶ ପହି, ବାସୁଦେବ ଜେନା, ଆଦିତ୍ୟ ଜେନା ଏବଂ ସୁନାରାଣୀ ପଣ୍ଡାଙ୍କ ସମେତ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ ।

ସେହିପରି ଗୋପିନାଥପୁର ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ କୀର୍ତ୍ତନ ମଣ୍ଡଳୀର ମୃଦଙ୍ଗ ଓ ଝାଞ୍ଜ ବାଦନର ତାଳେତାଳେ ଗ୍ରାମ ପରିକ୍ରମା କରିଥିଲା । ଏଥିରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, କରୁଣାକର ଦାସ, ରମେଶ ସାହୁ, ରମେଶ ଜେନା, ପ୍ରିୟବ୍ରତ ଜେନା, ବୈକୁଣ୍ଠ ଜେନା, ବିଶୁ ଜେନା, ଗୋପବନ୍ଧୁ ସାହୁ, କୈଳାସ ଦାସ, ରଞ୍ଜନ ଦାସ, ଲକ୍ଷ୍ମୀଧର ଜେନା ଏବଂ ନରେନ୍ଦ୍ର ଜେନାଙ୍କ ସମେତ ଶତାଧିକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ ।

**ଦୋବଲ:** ଧାମନଗର ବ୍ଲକର ଦୋବଲ ଜୋନରେ ଜୟ ଜଗନ୍ନାଥ ଅର୍ପଣ ରଥ ଘରେ ଘରେ ବୁଲି ଅରୁଆ ଚାଉଳ, ଗୋଟା ଗୁଆ ଅର୍ଘ୍ୟଦାନ ସଂଗ୍ରହ କରୁଛି । ଆନନ୍ଦପୁର, ମୁସ୍ତାଫାପୁର, ସୋହଡା ଓ ଦଳାଙ୍ଗ ପଞ୍ଚାୟତର ଗ୍ରାମରେ ରଥ ବୁଲିଛି । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୁଲୁଥିବା ରଥକୁ ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ବିଶ୍ୱାଳ, ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ସୋହଡ଼ା ସରପଞ୍ଚ ଲୋପାମୁଦ୍ରା ନାୟକ, ଆନନ୍ଦପୁର ସରପଞ୍ଚ ମିନା ମାଝି, ଦଳାଙ୍ଗ ସରପଞ୍ଚ ରଞ୍ଜିତ ଜେନା ଓ ମୁସ୍ତାଫାପୁର ପଞ୍ଚାୟତର ସରପଞ୍ଚ ଝୀନସାରା ବିବି, ସମିତିସଭ୍ୟା ମଧୁସ୍ମିତା ବେହେରା, ଶରତ ମାଝି, ପ୍ରତାପ ସାମଲ ଓ ବିରଜାପ୍ରସାଦ ରାଉତ, ଯୁବନେତା ସତ୍ୟପ୍ରକାଶ ନାୟକ, ବାସୁଦେବ ପାଗଳ, ନିରାକାର ତରାଇ, କାଳିଆ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ହରିହର ବେହେରା, କାଳନ୍ଦି ଦାସ, ସରୋଜ ପାଣିଗ୍ରାହୀ, ସରୋଜ ପରିଡ଼ାଙ୍କ ସମେତ ଶହ ଶହ ଜଗନ୍ନାଥ ପ୍ରେମୀ ତଥା ସ୍ଥାନୀୟ ଗ୍ରାମବାସି ମାନେ ସାମିଲ ହୋଇଛନ୍ତି ।

**ଧାମନଗର:** ଧାମନଗର ଏନଏସି ତରଫରୁ ୧ନମ୍ବର ୱାର୍ଡ କାଙ୍କରା ପଞ୍ଚତୀର୍ଥ ମନ୍ଦିର ପରିସର ଅର୍ପଣ ରଥର ପୂଜାର୍ଚ୍ଚନା ପରେ ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ନିବେଦିତା ଜେନା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଉପାଧକ୍ଷ ଓସିମ ଏଜଦାନି କାଦରି, ସାଂସଦଙ୍କ ନଗର ପ୍ରତିନିଧି ଜଗଦୀଶ ପାତ୍ର, ବିଜେଡି ନଗର ସଭାପତି ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଦେବାଶିଷ ଦାସ, କାଉନସିଲର, ଏନ୍‌ଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ, ଅଙ୍ଗନବାଡି କର୍ମୀ ଓ ମିଶନ ଶକ୍ତିର ମହିଳାଗଣ, ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ରଥ ପରିକ୍ରମା କରିଛି ।

ଧାମନଗର ଏନଏସି ତରଫରୁ ୧ନମ୍ବର ୱାର୍ଡରୁ ଆଜିଠାରୁ ଆରମ୍ଭ ହୋଇଥିବା ଏହି ବିଭୁପ୍ରେମ କାର୍ଯ୍ୟକ୍ରମ ଅବଶିଷ୍ଟ ୧୦ଟି ୱାର୍ଡରେ ଚାଲିବ ବୋଲି ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

**ଆରଡି:** ଜୟ ଜଗନ୍ନାଥ ଅର୍ପଣ ରଥ ଆରଡିଧାମରେ ଥିବା ଶ୍ରୀଜଗନ୍ନାଙ୍କ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ବିଭିନ୍ନ ଗାଁ ପରିକ୍ରମା କରିଥିଲା । ପ୍ରତି ଗାଁରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ ସହ ଧୂପଦୀପରେ ଆଳତି ଦ୍ୱାରା ପାଛୋଟି ନିଆଯାଇଥିଲା । ଏଥିସହ ପ୍ରତି ଗାଁର ଲୋକମାନେ ଦାଣ୍ଡ ଓ ଛକରେ ଝୋଟିଚିତା ସହିତ ମୁରୁଜ ପକାଇ ସ୍ୱାଗତ କରିବା ସହ ଗୁଆ ଚାଉଳ ଅର୍ପଣ କରିଥିଲେ । ଆରଡି ପଞ୍ଚାୟତ ଅଧିକାରୀ, ଜିଆର୍‌ଏସ ସତ୍ୟରଞ୍ଜନ ପତି, ଅନ୍ୟମାନଙ୍କ ମଧ୍ୟରେ ବିଭୁତି ପାଢ଼ୀ, ଅରବିନ୍ଦ ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, କିଶୋରୀମୋହନ ଦ୍ୱିବେଦି, ନିହାର ରାୟ, ଭୋଳାନାଥ ସାହୁ, ବୁଲୁ ଦାସ, ରାଜେନ୍ଦ୍ର ପଣ୍ଡା, ଧନିଆ ପାଢ଼ୀ, ସୁବାଷ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ ।

## ୭ ବ୍ଲକର ୭୫ ପଞ୍ଚାୟତରେ ବୁଲୁଛି ୭୬ ରଥ

**ଭଦ୍ରକ, ୯ ।୧(ସମିସ):** ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାରେ ଭଦ୍ରକ ଜିଲ୍ଲାର ଗାଁ, ସହର, ଗଳିକନ୍ଦି ଚଳଚଞ୍ଚଳ ହୋଇ ଉଠିଛି । ଜିଲ୍ଲାର ୭ ବ୍ଲକ, ୨ ମ୍ୟୁନିସିପାଲିଟି ଓ ୨ଟି ଏନ୍‌ଏସିରେ ବୁଲୁଛି ଅର୍ପଣ ରଥ । ସଂକୀର୍ତ୍ତନ, ଘଣ୍ଟଘଣ୍ଟା କରତାଳ, ସାଙ୍ଗକୁ ଶଙ୍ଖ, ହୁଳହୁଳି, ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ଗଗନ ପବନ ହେଉଛି ମୁଖରିତ । ପ୍ରତି ପଞ୍ଚାୟତ ପ୍ରତି ୱାର୍ଡ଼ର ଗାଁ, ଗାଁ, ସାହି, ସାହିରେ ଦେଖାଯାଉଛି ଭାବମୟ, ଭକ୍ତିମୟ ପରିବେଶ । ଭଳିକି ଭଳି ଝୋଟି ଚିତାରେ ଝଲସୁଛି ଗାଁ ଦାଣ୍ଡ । ପ୍ରକମ୍ପିତ ହେଉଛି ଜୟ ଜଗନ୍ନାଥ ଧ୍ୱନି । ଅତୀବ ଉତ୍ସାହ, ଉଦ୍ଦୀପନା, ଆଗ୍ରହର ସହିତ ମୁଣ୍ଡରେ ମାରି ପ୍ରତିଟି ଘରୁ ଅର୍ପଣ କରୁଛନ୍ତି ଅକ୍ଷତ ଭାବେ ଗୁଆ ଓ ଅରୁଆ ଚାଉଳ । ଭଦ୍ରକ ଜିଲ୍ଲାର ସମୁଦାୟ ୭ ବ୍ଲକର ୨୧୮ ପଞ୍ଚାୟତର ସମସ୍ତ ଗ୍ରାମ ଓ ୪ଟି ପୌରାଞ୍ଚଳର ସମୁଦାୟ ୭୯ଟି ୱାର୍ଡ଼ରୁ ଅର୍ପଣ ରଥ ପରିକ୍ରମା ଜରିଆରେ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି । ୪ଟି ପୌରାଞ୍ଚଳରେ ୧୧ଟି ରଥ ପରିକ୍ରମା କରୁଥିଲା ବେଳେ ୭ଟି ବ୍ଲକରେ ବର୍ତ୍ତମାନ ସୁଦ୍ଧା ୭୫ଟି ଗ୍ରାମ ପଞ୍ଚାୟତରେ ବୁଲୁଛି ୭୬ଟି ରଥ । ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳରେ ରଥ ଉଦ୍‌ଘାଟନ ସମୟରେ ପ୍ରାୟ ଅଧିକାଂଶ କ୍ଷେତ୍ରରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ବିଧାୟକ, ସମ୍ପୃକ୍ତ ବ୍ଲକ ଓ ପୌରାଞ୍ଚଳର ଅଧକ୍ଷ, ବିଡିଓ, ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ ପ୍ରମୁଖଙ୍କ ସହ ଅଞ୍ଚଳବାସୀ ସଂକୀର୍ତ୍ତନ ଦଳ ଆଦି ଉପସ୍ଥିତ ରହୁଛନ୍ତି । ଭଦ୍ରକ ପୌରପାଳିକା ତରଫରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭଦ୍ରକ ବିଧାୟକ ସଞ୍ଜୀବ୍ ମଲ୍ଲିକ, ତହସିଲଦାର ସଂଗ୍ରାମ କେଶରୀ ପ୍ରିୟଦର୍ଶୀ ଖୁଣ୍ଟିଆ, ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ଓ ବିଡିଓ ସୀତାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ୪ଟି ରଥକୁ ଉଦ୍‌ଘାଟନ କରିଥିଲେ ।



ଭଦ୍ରକ ବ୍ଲକରେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଉପାଧକ୍ଷ ମୁକୁନ୍ଦ ଦେବ ସାମଲ, ଏବିଡିଓ ଗୁଲ ଫିର୍ଦ୍ଦୋସ ପ୍ରମୁଖ ଉପସ୍ଥିତ ଥିଲେ । ଭଣ୍ଡାରିପୋଖରୀ ବ୍ଲକ ପାଇଁ ବିଧାୟକ ପ୍ରଫୁଲ୍ଲ ସାମଲ, ବିଡିଓ ଦେବୀଦତ୍ତ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ତିହିଡ଼ି ବ୍ଲକରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଡିଓ ଜ୍ୟୋତିର୍ମୟ କର, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଜିଲ୍ଲା ପରିଷଦ ବିଦ୍ୟୁତଲତା ନାୟକ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ବାସୁଦେବପୁର ବ୍ଲକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଡିଓ ସଞ୍ଜୀବ ସାହୁ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ରଥ ଉଦ୍‌ଘାଟନ କରିଥିଲେ । ଚାନ୍ଦବାଲି ବ୍ଲକରେ ବିଧାୟକ ଡ. ବ୍ୟୋମକେଶ ରାୟ, ବିଡିଓ ଅସିତ ମହାନ୍ତି ଓ ଅନ୍ୟ ଜନପ୍ରତିନିଧିମାନେ ଉଦ୍‌ଘାଟନୀ ପର୍ବରେ ସାମିଲ ଥିଲେ । ଧାମନଗର ବ୍ଲକରେ ବିଭିନ୍ନ ସ୍ଥାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ଅଧକ୍ଷ ଅଶୋକ ନାୟକ, ବିଡିଓ ବନବିହାରୀ ଦିଣ୍ଡା ପ୍ରମୁଖ ଅନ୍ୟ ଜନପ୍ରତିନିଧି ଓ ସ୍ଥାନୀୟବାସୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜିଲ୍ଲାର ତିହିଡ଼ି ବ୍ଲକରେ ସର୍ବାଧିକ ୧୮ ଟି ରଥ ବୁଲୁଥିବା ବେଳେ ଧାମନଗରରେ ୩୧ଟି, ବାସୁଦେବପୁରରେ ୧୦ଟି, ଭଣ୍ଡାରିପୋଖରୀରେ ୧୦ଟି, ଚାନ୍ଦବାଲିରେ ୧୧ଟି, ବନ୍ତରେ ୬ଟି, ଭଦ୍ରକରେ ୫ଟି ରଥ ପରିକ୍ରମା କରୁଛି ।

■ ଶୀତଳଭଣ୍ଡାର ଉପରେ ଦେଢ଼କୋଟି ଜରିମାନା ଲଗାଇଛି ଟାଟା ପାୱାର

# ଜରିମାନାକୁ ବେଆଇନ କହିଲେ ପରିଚାଳକ

**ଭଣ୍ଡାରିପୋଖରୀ, ୯।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଛତାବର-ବଳିଘାଇ ପୂର୍ତ୍ତ ବିଭାଗ ରାସ୍ତାର ପର୍ବତୀଠାରେ ଥିବା ରାଜ୍ୟର ସର୍ବବୃହତ ଚକାଡୋଳା ଶୀତଳଭଣ୍ଡାର ଉପରେ ଟାଟାପାୱାର ପକ୍ଷରୁ ଦେଢ଼କୋଟି ଟଙ୍କାର ଜରିମାନା ଲଗାଇଥିବା ଜଣାଯାଇଛି । ଆଗାମୀ ୧୫ ତାରିଖ ସୁଧା ଜରିମାନ ନ ଦେଲେ ବିଦ୍ୟୁତ ଯୋଗାଣ



ବନ୍ଦ କରିବାକୁ ଧମକ ଦେଇଛି । ଅନ୍ୟପକ୍ଷରେ ଏହି ଜରିମାନାକୁ ବେଆଇନ ଦର୍ଶାଇଛନ୍ତି ଶୀତଳଭଣ୍ଡାର ପରିଚାଳକ ଉଦୟନାରାୟଣ ନନ୍ଦ । ଶୀତଳଭଣ୍ଡାର ଭିତ୍ତିଭୂମିକୁ ଉପଯୋଗ କରି ଦୈନିକ ୩ଟନ ଛତୁ ଉତ୍ପାଦନ କରି ରାଜ୍ୟର ଗୌରବ ବଢ଼ାଇବା ସହ ତମାମ ରାଜ୍ୟକୁ ଛତୁ ଯୋଗାଇବାକୁ ସମର୍ଥ ହୋଇଥିବା ଏହି ଶୀତଳଭଣ୍ଡାର ଉପରେ ଟାଟା ପାୱାର ଅଯଥାରେ ୧କୋଟି ୪୭ଲକ୍ଷ ଟଙ୍କା ଜରିମାନା ଯୋଗୁଁ ଏଥିରେ ନିୟୋଜିତ ୨ଶହ କର୍ମଜୀବୀ ମହିଳାଙ୍କ ଭବିଷ୍ୟତ ଓ ଛତୁ ଉତ୍ପାଦନ ଅନ୍ଧାରକୁ ଯିବା ନେଇ ଆଶଙ୍କା ଉପୁଜିଛି । ଶୀତଳଭଣ୍ଡାର ପରିଚାଳକ ଶ୍ରୀ ନନ୍ଦଙ୍କ ଅଭିଯୋଗ ଅନୁଯାୟୀ ୨୦୧୬ ମସିହାରେ ଆଳୁ ମିଶନ ଯୋଜନାରେ ପ୍ରତିଷ୍ଠିତ ଏହି ଶୀତଳଭଣ୍ଡାରକୁ 'କୃଷି-ଶିଳ୍ପ କାର୍ଯ୍ୟ' ଆଧାରରେ ବିଦ୍ୟୁତ ଯୋଗାଣ ୟୁନିଟ୍ ପିଛା ୩ଟଙ୍କା ହାରରେ ଧାର୍ଯ୍ୟ ହୋଇଥିଲା । ୨ବର୍ଷ ପରେ ସ୍ଥାନୀୟ କଞ୍ଚାମାଲ ଅଭାବରୁ ଶୀତଳଭଣ୍ଡାର ବନ୍ଦ ହୋଇଯାଇଥିଲା । ହେଲେ ଶୀତଳଭଣ୍ଡାର ବିଦ୍ୟୁତ ବିଲ୍ ଖିଲାପ କରିନଥିଲା । ୨୦୨୨ ମସିହାରେ ପରିଚାଳକ ଶ୍ରୀ ନନ୍ଦ ଛତୁ ଉତ୍ପାଦନ ପାଇଁ ପଦକ୍ଷେପ ନେଇ ସଫଳ ହୋଇଥିଲେ । ଛତୁ ଉତ୍ପାଦନକୁ 'କୃଷି କାର୍ଯ୍ୟ' ଭାବେ କୃଷି ଉଦ୍ୟାନ ବିଭାଗ ମାନ୍ୟତା ଦେଇଛି । ପୁନଶ୍ଚ ୨୦୧୯ ଅଗଷ୍ଟ ୨୭ ତାରିଖ ଗେଜେଟ ନୋଟିଫିକେସନ ଅନୁଯାୟୀ ଛତୁ ଉତ୍ପାଦନ 'କୃଷି କାର୍ଯ୍ୟ' ପାଇଁ ବିଦ୍ୟୁତ ଯୋଗାଣ ଦର ୟୁନିଟ ପିଛା ୧ଟଙ୍କା ୫୦ ପଇସା ହେବ ବୋଲି ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ଧାର୍ଯ୍ୟ କରିଛି । ମାତ୍ର ବିଦ୍ୟୁତ ବିଭାଗ ଏହାକୁ ଗ୍ରହଣ କରିନଥିବାରୁ ଶୀତଳଭଣ୍ଡାର ଅଦ୍ୟାବଧି ୟୁନିଟ ପିଛା ୩ଟଙ୍କା ପୂର୍ବ ଦରରେ ଦେୟ ନିୟମିତ ଭାବେ ପୈଠ କରୁଛି । ଯଦିଓ ଶୀତଳଭଣ୍ଡାରର

### ● ସଙ୍କଟରେ ୨ଶହ କର୍ମଜୀବୀ ମହିଳାଙ୍କ ଭବିଷ୍ୟତ

କାର୍ଯ୍ୟ ପରିବର୍ତ୍ତନ ସମ୍ପର୍କରେ ବିଦ୍ୟୁତ ବିଭାଗକୁ ବିଧିବଦ୍ଧ ଭାବେ ଜଣାଇ ଦିଆଯାଇନଥିଲା, ତଥାପି ନ୍ୟାୟସଙ୍ଗତ ବ୍ୟବସ୍ଥା ଅନୁଯାୟୀ ଶୀତଳଭଣ୍ଡାର ୟୁନିଟ ପିଛା ୧ଟଙ୍କା ୫୦ ପଇସା ଦରରେ ବିଦ୍ୟୁତ ପାଇବାକୁ ହକଦାର ଥିବା ବେଳେ ଗତ ୧୫ ତାରିଖରେ ଟାଟା ପାୱାର ପକ୍ଷରୁ ଅଚାନକ ୧କୋଟି ୪୬ଲକ୍ଷ ଜରିମାନା ନୋଟିସ୍ ପଠାଯାଇଛି । ରାଜ୍ୟର ଅନ୍ୟାନ୍ୟ ଶୀତଳଭଣ୍ଡାରକୁ ୧ଟଙ୍କା ୫୦ ପଇସା ଦରରେ ବିଦ୍ୟୁତ ଯୋଗାଉଥିବା ଟାଟା ପାୱାର ଶୀତଳଭଣ୍ଡାର ଉପରେ ବିଦ୍ୟୁତ ବିଭାଗ କାହିଁକି ଦାଉ ସାଧୁଛି ତାହାକୁ ନେଇ ଦ୍ୱନ୍ଦରେ ପଡ଼ିଛି ଶୀତଳଭଣ୍ଡାର କର୍ତ୍ତୃପକ୍ଷ । ଏହି ଜରିମାନାକୁ ବେଆଇନ ଓ ଶୀତଳଭଣ୍ଡାର ଉପରେ ଜୁଲମ ବୋଲି ଅଭିହିତ କରିଛନ୍ତି ଶ୍ରୀ ନନ୍ଦ । ଏହାଦ୍ୱାରା ଶୀତଳଭଣ୍ଡାରକୁ ବନ୍ଦ କରିବାକୁ ଚକ୍ରାନ୍ତ କରାଯାଇଛି ବୋଲି ମତ ରଖିଛନ୍ତି ଶ୍ରୀ ନନ୍ଦ । ଏଥିଯୋଗୁ ଜୀବିକା ହରାଇବାକୁ ଯାଉଥିବା ୨ଶହ ମହିଳାଙ୍କ ବେକାରୀ ପାଇଁ ଟାଟା ପାୱାର ଦାୟୀ ରହିବ ବୋଲି ସେ ଚେତାବନୀ ଦେଇଛନ୍ତି । ତେବେ ଏ ସମ୍ପର୍କରେ ଶୁଣାଣି ହୋଇଛି ଓ ଏଥିନେଇ ବୁଝାମଣା ଭିତ୍ତିକ ନିଷ୍ପତି ହୋଇପାରେ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପାଢ଼ୀ ମତରଖିଛନ୍ତି ।

## ବ୍ରାଉନସୁଗର ଜବତ; ମହିଳାଙ୍କ ସହ ୨ ଗିରଫ



**ଭଦ୍ରକ, ୯ ।୧(ସମିସ):** ଭଦ୍ରକ ଅବକାରୀ ଅଧିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାର୍ଡ ନିରୀକ୍ଷକ ସୁଶ୍ରୀ ସଙ୍ଗୀତା ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅମରଗଡ଼ିଆ ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ୪୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ନରିପୁର ଗ୍ରାମର ଗୀତାରାଣୀ ବେହେରା ଓ ସୁଶାନ୍ତ କୁମାର ଦାସଙ୍କୁ ଗିରଫ କରିଛି । ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ଉରେ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଉପନିରୀକ୍ଷକ ରବି ବେହେରା, ଏସ୍‌ଆଇ ଅଭିଳାଷ ପାଲ୍ ଏବଂ ସନ୍ଦୀପ ପାଢ଼ୀ, ଏଏସ୍‌ଆଇ ଦୀପକ କୁମାର ରାଉତ, ରମେଶ ଓ ରଶ୍ମିରେଖା ଜେନା, କନଷ୍ଟେବଳ ସୁବାଶିଷ ରାଉତ, ମିଥୁନ ଜେନା, ଅଜୟ କୁମାର ଦାସ, ବିଭୂପ୍ରସାଦ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଭଦ୍ରକ ଭ୍ରାମ୍ୟମାଣ ସ୍କ୍ୱାର୍ଡ ପକ୍ଷରୁ ଏକ ମାମଲା ନଂ.୩୮୬/୨୪ ରୁଜୁ କରାଯାଇଛି ।

■ ଜରାଜୀର୍ଣ୍ଣ ଦୋବଲ ପଞ୍ଚାୟତ ସାପକାତିଆ ମଠ

# ସାପ ରହୁଥିଲେ ବୋଲି ମଠର ନାଁ ସାପକାତିଆ

ଦୋବଲ, ୯ ।୧(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ଦୋବଲ ହାଇସ୍କୁଲ ପାଖରେ ଥିବା ସାପକାତିଆ ମଠଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ରାଜା ରାଜୁଡ଼ା ଅମଳରୁ ଚାଲି ଆସିଥିବା ମଠଟି ଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଥିଲା । ଇତିହାସର ମୁକ ସାକ୍ଷୀ ଗୋହିରାଟିକିରିଠାରୁ ଅଳ୍ପ କିଛି ବାଟ ଦୂରରେ ଥିବା ଏହି ମଠଟି ପ୍ରାୟ ୩୫ ହଜାର ବର୍ଗଫୁଟ ଅଞ୍ଚଳରେ ଚାରିକୋଣିଆ ଅଞ୍ଚଳରେ ମଠଟି ରହିଛି । ମଠରେ ମଦନମୋହନ, ଶାଳଗ୍ରାମ, ଜଗତ ମାତା ବିମଳା, ମହାପ୍ରଭୁ ଜଗନ୍ନାଥ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରହୁଛନ୍ତି । ପ୍ରତିବର୍ଷ ଏଠାରେ ଶ୍ରୀମଦ ଭାଗବତ ଜନ୍ମ, କୃଷ୍ଣ ଜନ୍ମାଷ୍ଟମୀ, ବିମଳା ପୂଜା ଓ ଘୋଷଯାତ୍ରା ଆଦି ଆଧାତ୍ମିକ ମହୋତ୍ସବ ମହା ସମାରୋହରେ ପାଳନ ହୋଇଥାଏ ।



ଉନବିଂଶ ଶତାବ୍ଦୀରେ ବେଙ୍ଗଲ ପ୍ରେସିଡେନ୍ସି ଅଧୀନରେ ବିହାର, ବଙ୍ଗଳା ଓ ଓଡ଼ିଶା ଥିଲା । ସେତେବେଳେ ୩ ଅଞ୍ଚଳରେ ବ୍ରିଟିଶ ଶାସନ ଚାଲିଥିଲା । ଏହି ସମୟରେ ଜଣେ ଅଣ ଓଡ଼ିଆ ସାଧୁ ଶ୍ରୀ ନନ୍ଦଲାଲ ବିଭିନ୍ନ ଧର୍ମସ୍ଥଳୀ ବୁଲିବା ଭିତରେ ଏହି ସ୍ଥାନରେ ରହିଯାଇଥିଲେ । ଛୋଟିଆ ଚାଳ ଛପର ଘର କରି ରହି ଧର୍ମ ଚର୍ଚ୍ଚା କରୁଥିଲେ । ଦିନେ ଜଣେ ମୋଗଲ ଜମିଦାର ଘୋଡ଼ା ଚଢ଼ି ଯିବାବେଳେ ଶୋଷ ଲାଗିବାରୁ ଏହି ସ୍ଥାନରେ ଅଟକି ଯାଇ ବାବାଙ୍କ ପାଖରୁ ପାଣି ପିଇବା ସହ ବିଶ୍ରାମ ନେଉଥିଲେ । ସେହିଦିନ ଜମିଦାର ୪ ଠେକି ପାଣି ପିଇଥିବାରୁ, ୪ଟି ଜିନିଷ ଦାନ କରିବାକୁ ମନସ୍ଥ କରିଥିଲେ । ଏହାପରେ ସମ୍ପୃକ୍ତ ମୋଗଲ ଜମିଦାର ୪ଏକର ଜମି ମଠକୁ ଦାନ କରିଥିଲେ । ଏହାସହ ବାବା ନନ୍ଦଲାଲ ମଧ୍ୟ ମାଗଣ କରି ବହୁ ଜମି ମଠ ନାଁରେ କରିଥିଲେ । ଅଲୌକିକ ଶକ୍ତିର ଅଧିକାରୀ ବାବା ନନ୍ଦଲାଲ ଏଠାରେ ରହି ଧର୍ମ ଚର୍ଚ୍ଚା କରିବା ସହ ଆଖପାଖ ଲୋକଙ୍କ ପାଇଁ ବୈଦ୍ୟରାଜ ଥିଲେ ମଠ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଓ ଗୁଳ୍ମ ଲଗାଇ ଲୋକଙ୍କୁ ଚିକିତ୍ସା କରୁଥିଲେ । ବ୍ରିଟିଶ ଅମଳରେ ଏହି ମଠଟି ଥିଲା ଆଖପାଖ ଅଞ୍ଚଳ ପାଇଁ ଡାକ୍ତରଖାନା । ତେବେ ଜଙ୍ଗଲ ହୋଇଥିବାରୁ ଏଠାରେ ନାନା ପ୍ରଜାତିର ସାପ ସବୁ ରହୁଥିଲେ । ବାବା ନନ୍ଦଲାଲ ଏହି ସାପଙ୍କୁ ନିଜର ସନ୍ତାନ ସନ୍ତତି ଭଳି ପାଳୁଥିଲେ । ଏଣୁ ମଠ ବାଡ଼ିରେ ଚାରିଆଡ଼େ ସାପ କାତି ଦେଖିବାକୁ ମିଳୁଥିଲା । ଧିରେ ଧିରେ ଲୋକେ ଏହାକୁ ସାପକାତିଆ ମଠ କହିଲେ । ତେବେ ବାବାଙ୍କ ଦେହାବସାନ ପରେ ସାପଗୁଡ଼ିକ ମଧ୍ୟ ମଠ ଅଞ୍ଚଳରେ ଆଉ ଦେଖାଗଲେନି । ତେବେ ସ୍ୱାଧୀନତା ପରେ ଦେବୋତ୍ତର ବିଭାଗ ଏହି ମଠକୁ ନିଜ ହେପାଜତକୁ ନେଇ ଆଞ୍ଚଳିକ ଟ୍ରଷ୍ଟ ବୋର୍ଡ ମାଧ୍ୟମରେ ତାଦରଖ କଲା । ୨୦୧୪ରେ ମଠରେ ଥିବା ପୁରୁଣା ଘର ଭୁଶୁଡ଼ି ପଡ଼ିଲା । ଆଞ୍ଚଳିକ ଟ୍ରଷ୍ଟି ଥିବା ମହେଶ୍ୱର ସାହୁ ନିଜ ଉଦ୍ୟମରେ ମଠ ପରିସରରେ ଗୋଟିଏ ସାଧୁ ନିବାସ ତିଆରି କରିଛନ୍ତି । ଏହାସହ ଗୋଟିଏ ଜଗନ୍ନାଥ ମନ୍ଦିର ମଧ୍ୟ ନିର୍ମାଣ ଆରମ୍ଭ କରିଥିଲେ । ହେଲେ ଅର୍ଥ ଅଭାବ ଓ ସହଯୋଗ ଅଭାବରୁ ଆରମ୍ଭ ଅବସ୍ଥାରେ ଦୀର୍ଘ ବର୍ଷ ହେଲା ପଡ଼ି ରହି ମନ୍ଦିରଟି ନଷ୍ଟ ହୋଇଗଲାଣି । ଏଣୁ ବହୁଦିନ ହେଲା ଏ ମନ୍ଦିର ନିର୍ମାଣ ଓ ମଠର ପୁନରୁଦ୍ଧାର ଲାଗି ଲୋକେ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି ହେଲେ କେହି ଏଥିପ୍ରତି ନଜର ଦେଉନାହାନ୍ତି । ମଠର ସମ୍ପତ୍ତି ପାଖାପାଖି ୧୨ଏକର ମଠବାଡ଼ି ମଧ୍ୟ ହଡ଼ପ ହେବାରେ ଲାଗିଛି । ଆୟ ନଥିବାରୁ ମଠର ଚାରିପଟ ସୀମାରେ ବାଡ଼ ନିର୍ମାଣ କରାଯାଇ ପାରୁନି । ନିର୍ବାଚନ ବେଳେ ମଠ ପରିସରରେ ବିଭିନ୍ନ ସଭା ସମିତି କରୁଥିଲେ ବି ଏହାର ବିକାଶ ପାଇଁ କେହି ପଦକ୍ଷେପ ନେଉନଥିବା ଲୋକେ କହିଛନ୍ତି । ଏଣୁ ସ୍ଥାନୀୟ ପ୍ରଶାସନକୁ ସାପକାତିଆ ମଠ ପୁନରୁଦ୍ଧାର ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

